ଧରିତ୍ରୀ
DHARITRI
December 1-7, 2019 ₹ 2/-

# ଛୁଟିଦିନ



## ଅଟୋ ରାଣୀ

ପରିବାରର ଆର୍ଥିକ ପରିସ୍ଥିତି ସୁଧାରିବା ପାଇଁ କେବଳ ପୁରୁଷମାନେ ନୁହଁନ୍ତି , ମହିଳା ମାନେ ବି ଅଣ୍ଟା ଭିଡ଼ିଥାନ୍ତି। ଏମିତିକି ଦିନରାତିକୁ ଖାତିର ନକରି ଅଟୋ ଚଳାଇ ପରିବାର ପ୍ରତିପୋଷଣ କରିଥାନ୍ତି। ସେମିତି କେତେଜଣ ମହିଳାଙ୍କ ସମ୍ପର୍କରେ...

୩
ପ୍ରଚ୍ଛଦ ପ୍ରସଙ୍ଗ



ସହରଠୁ ଦୂର
୧୩




୮/୯
ସିନେମା

# ଜନ୍ମ ମାସରୁ ଜାଣନ୍ତୁ ବ୍ୟକ୍ତିତ୍ୱ

✲ ଜାନୁୟାରୀ: ଏହି ବ୍ୟକ୍ତିମାନେ ଜନ୍ମଜାତ ନେତା ଥା'ନ୍ତି। ଏମାନେ ସ୍ୱାଧୀନ ଚିନ୍ତାଧାରା ତଥା ସୃଜନଶୀଳ ବ୍ୟକ୍ତିସମ୍ପନ୍ନ ହୋଇଥାନ୍ତି।

✲ ଫେବୃୟାରୀ: ଏହି ବ୍ୟକ୍ତିମାନେ ବୁଦ୍ଧିମାନ ତଥା ଚତୁର ହୋଇଥାନ୍ତି। ଏମାନେ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ବଦ୍ଧପରିକର ଥାନ୍ତି।

✲ ମାର୍ଚ୍ଚ: ଏହି ବ୍ୟକ୍ତିମାନେ ଆକର୍ଷକ ବ୍ୟକ୍ତିତ୍ୱସମ୍ପନ୍ନ ହୋଇଥାନ୍ତି। ଏମାନେ ଏକାଧାରରେ ସ୍ନେହୀ, ସଚ୍ଚୋଟ, ସହାନୁଭୂତିଶୀଳ ତଥା ଲାଜକୁଳା ସ୍ୱଭାବର ଥାନ୍ତି।

✲ ଏପ୍ରିଲ: ଏହି ମାସରେ ଜନ୍ମିତ ବ୍ୟକ୍ତି ଉଚ୍ଚାଭିଳାଷୀ, କର୍ମଠ, ବନ୍ଧୁତ୍ୱପୂର୍ଣ୍ଣ ତଥା ଦୁଃସାହସୀ ହୋଇଥାନ୍ତି।

✲ ମେ: ଏହି ବ୍ୟକ୍ତିମାନେ ସାଧାରଣତଃ କଳାପ୍ରେମୀ




ହୋଇଥାନ୍ତି। ଏମାନେ ଦୃଢ଼ ଇଚ୍ଛାଶକ୍ତି ସମ୍ପନ୍ନ,କର୍ମଠ, ଭ୍ରମଣପ୍ରିୟ ତଥା ଜିଦ୍‌ଖୋର ସ୍ୱଭାବର ହୋଇଥାନ୍ତି।

✲ ଜୁନ: ଏହି ବ୍ୟକ୍ତିମାନେ ଦୟାଳୁ, ପରୋପକାରୀ, ସମ୍ବେଦନଶୀଳ ତଥା ନମ୍ର ସ୍ୱଭାବର ହୋଇଥାନ୍ତି।

ଜୁଲାଇ: ଏହି ବ୍ୟକ୍ତିମାନେ ସଚ୍ଚୋଟ, ବନ୍ଧୁତ୍ୱପୂର୍ଣ୍ଣ ତଥା କ୍ରୋଧି ହୋଇଥାନ୍ତି। ଲୋକଙ୍କ ଭାବନା ପ୍ରତି ଏମାନେ ବେଶ୍ ଯତ୍ନବାନ ଥା'ନ୍ତି।

✲ ଅଗଷ୍ଟ: ଏହି ବ୍ୟକ୍ତିମାନେ ପରିମାର୍ଜିତ, ସାହସୀ ତଥା ସ୍ୱାଧୀନ ଚିନ୍ତା ସମ୍ପନ୍ନ ବ୍ୟକ୍ତି ହୋଇଥାନ୍ତି।

ସେପ୍ଟେମ୍ବର: ଏମାନେ ବୁଦ୍ଧିମାନ, ସତର୍କ, ସଙ୍ଗଠିତ, ବିଶ୍ୱସ୍ତ ତଥା ଭାବନାଶକ୍ତିସମ୍ପନ୍ନ ବ୍ୟକ୍ତି ହୋଇଥାନ୍ତି।

✲ ଅକ୍ଟୋବର: ଏମାନେ ବନ୍ଧୁବତ୍ସଳ, ସଚ୍ଚୋଟ ତଥା ବଦରାଗୀ, ଭ୍ରମଣପ୍ରିୟ ବ୍ୟକ୍ତି ହୋଇଥାନ୍ତି।

✲ ନଭେମ୍ବର: ଏମାନେ ସମ୍ବେଦନ ଶୀଳ, ଧୈର୍ଯ୍ୟବାନ, ସାହସୀ ତଥା ତୀକ୍ଷ୍ଣ ଓ ସକାରାତ୍ମକ ଚିନ୍ତାଧାରାସମ୍ପନ୍ନ ବ୍ୟକ୍ତି ହୋଇଥାନ୍ତି।

✲ ଡିସେମ୍ବର: ଏମାନେ ବିଶ୍ୱସ୍ତ, ହୃଦୟବାନ ତଥା କର୍ମଠ ସ୍ୱଭାବର ହୋଇଥାନ୍ତି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୧-୭

### ମେଷ



ଦୈହିକ ସୁସ୍ଥତା, ଆନୁଷ୍ଠାନିକ ବନ୍ଧୁ ମିଳନ, ଅଧସ୍ତନ କର୍ମଚାରୀଙ୍କ ଆନୁଗତ୍ୟ, ନୂତନ ସମ୍ପର୍କ ସୃଷ୍ଟି, ଆର୍ଥିକ ଅଭିବୃଦ୍ଧି, ଶତ୍ରୁତାର ସମାଧାନ, ଟେନ୍‌ସନ କମିବ, ପଡୋଶୀଙ୍କ ଦୋଷାରୋପ, ଯାତ୍ରାରେ ସଫଳତା, ସନ୍ତାନବର୍ଗରେ ପୀଡା।

### ବୃଷ



ଆର୍ଥିକ ଚିନ୍ତାରୁ ମୁକ୍ତି, ଲାଗି ରହିଥିବା ବହୁଦିନର ଶାରୀରିକ ସମସ୍ୟା ଦୂରେଇ ଯିବ, ମାଙ୍ଗଳିକ କାର୍ଯ୍ୟରେ ଯୋଗଦେବେ, ପାରିବାରିକ ସ୍ତରରେ ଦୃଢ ନିଷ୍ପତ୍ତି, ଖଳ ଲୋକଙ୍କ ଠାରୁ ଦୂରେଇ ରୁହନ୍ତୁ, ସଭାସମିତିକୁ ଆହ୍ୱାନ।

### ମିଥୁନ



ଅର୍ଥସଂକଟରୁ ଦୁଶ୍ଚିନ୍ତା, କ୍ରନିକ୍ ରୋଗରେ ପୀଡା, ବୃତ୍ତି ବାଣିଜ୍ୟରେ ସଫଳତା, ସମ୍ପର୍କ ଦୃଢୀଭୂତ ହେବ, ଭ୍ରମଣହେତୁକ କ୍ଳାନ୍ତି, ଦ୍ରବ୍ୟହାନିରୁ ଅନୁତାପ, ପାରିବାରିକ ସୌହାର୍ଦ୍ଦ୍ୟ, ସାମାଜିକ ସମ୍ମାନ, ପରିବହନରେ ଝଗଡା।

### କର୍କଟ



ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି, ଯାତ୍ରାରେ ଅସ୍ଥିରତା, ଅନ୍ୟମନସ୍କତାରୁ ଜିନିଷ ହଜିପାରେ, ପୁରାତନ ରୋଗପୀଡା, ସ୍ଥଗିତ କାର୍ଯ୍ୟରେ ଅଗ୍ରଗତି, ଶୁଭ ଖବର। ଆଇନ ସହାୟତା, ଗବେଷଣାରେ ଅଗ୍ରଗତି, ଶିଳ୍ପ, ବାଣିଜ୍ୟରେ ସମସ୍ୟା।

### ସିଂହ



ନୂତନ ପ୍ରକଳ୍ପାରମ୍ଭ, ବନ୍ଧୁଙ୍କ ସାହାଯ୍ୟ, ସ୍ତ୍ରୀଙ୍କ ସନ୍ଦେହ, ପଦସ୍ଥବ୍ୟକ୍ତିଙ୍କ ପ୍ରଶଂସା, କଳାରେ ସମ୍ମାନ, ପଦାଧିକାରୀଙ୍କ ଅନୁକମ୍ପା, ସାହିତ୍ୟ, ସଂସ୍କୃତିରେ ଅନୁରାଗ, ଅର୍ଥସଂକଟ, ସରକାରୀ ସୁବିଧା ପ୍ରାପ୍ତି।

### କନ୍ୟା



କୃତୀ ଓ କୃତିତ୍ୱରୁ ପ୍ରଶଂସା, ପଡୋଶୀ ଭୁଲ୍ ବୁଝିପାରନ୍ତି। ବିବାଦୀୟ ସ୍ଥିତିର ପରିବର୍ତ୍ତନ, ପାରିବାରିକ ଶାନ୍ତି ଓ ସୌହାର୍ଦ୍ଦ୍ୟ, ସମ୍ପର୍କୀୟଙ୍କ ସହ ମନାନ୍ତର, ସହକର୍ମୀଙ୍କ ସୌଜନ୍ୟତା, ବିବାଦର ସମାଧାନ।

### ତୁଳା



ମାନସିକ ସୁସ୍ଥତା, କର୍ମଜଞ୍ଜାଳ ବୃଦ୍ଧି, ସମସ୍ୟା ସୁଧୁରିଯିବ, ଆରୋଗ୍ୟ ଲାଭ, ପଡୋଶୀଙ୍କ ସହାନୁଭୂତି। ଅର୍ଥଲାଭ, ଆନୁଷ୍ଠାନିକ କର୍ମ କୁଶଳତା, ଜମିଜମା କ୍ରୟବିକ୍ରୟ, ଯାନ୍ତ୍ରିକ ଜିନିଷ କିଣିବେ, ଗାଡିରେ ତ୍ରୁଟିବିଚ୍ୟୁତି, ସାମ୍ବାଦିକତାରୁ ଗୌରବ।

### ବିଛା



ଦୈହିକ ଅସୁସ୍ଥତା, ବ୍ୟୟ ବୃଦ୍ଧି, ମାନସିକ ଅସ୍ଥିରତା, ପାରିବାରିକ କଳହ, ବନ୍ଧୁଙ୍କ ପ୍ରତାରଣା, ଉଚ୍ଚ ସମ୍ମାନ ମିଳିବ, ଲୋକପ୍ରିୟତା ବୃଦ୍ଧି, ପ୍ରଶାସନିକ ତତ୍ପରତା, ରୋଗପୀଡା ଉପଶମ ହେବ, ସନ୍ତାନ ହେତୁକ ଗୌରବ।

### ଧନୁ



ସାଧାରଣ କଥାରେ ବିବାଦ, ବିବାଦରୁ ଧନହାନି, ମିତ୍ରବନ୍ଧୁ ଦୂରେଇବେ, ନୂତନ ସମ୍ପର୍କରେ ଅଗ୍ରଗତି, ଅତିଥି ସେବାର ସୌଭାଗ୍ୟପ୍ରାପ୍ତି, ଯାନବାହନ ନବୀକରଣ, ପ୍ରକାଶନରୁ ସମ୍ମାନ, ପ୍ରତିଯୋଗିତାରେ ସଫଳତା, ସନ୍ତାନ ହେତୁକ ଦ୍ୱନ୍ଦ୍ୱ।

### ମକର



ସମ୍ପର୍କରେ ବାଧା, ଟେନ୍‌ସନ ବଢ଼ିବ, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ଦୂରଯାତ୍ରା କରିପାରନ୍ତି, ବିଦେଶ ଯାତ୍ରା, ସମ୍ପତ୍ତିକୁ ନେଇ ବିବାଦ। ପିତୃବର୍ଗରେ ପୀଡା, ଆଇନ ସହାୟତା, ମକଦ୍ଦମାର ବାଇଦା, ଋଣ ପରିଶୋଧ।

### କୁମ୍ଭ



ବନ୍ଧୁମିଳନ, କର୍ମକ୍ଷେତ୍ରରେ ଅବହେଳା, କୈଫିୟତ ତଲବ, ରୋଜଗାର ଠପ୍ ହୋଇଯାଇପାରେ, ଅନ୍ୟମନସ୍କ ରହିପାରନ୍ତି, ଭ୍ରମଣ ସୁଯୋଗ, ଶାରୀରିକ କ୍ଳାନ୍ତି, କ୍ରନିକ୍ ରୋଗରେ ପୀଡା, ସ୍ଥଗିତ କାର୍ଯ୍ୟରେ ସମସ୍ୟା ବୃଦ୍ଧି, ଶତ୍ରୁତାର ସମାଧାନ।

### ମୀନ



କାର୍ଯ୍ୟସିଦ୍ଧି, ଲକ୍ଷ୍ୟ ପୂରଣ, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, ସାମାଜିକ ସମ୍ମାନ, ଅର୍ଥସମ୍ପଦ ପାଇବେ, କଳା, କ୍ରୀଡାରେ ସଫଳତା, ନୂତନ ଯୋଜନାରେ ଅଗ୍ରଗତି, ଦ୍ୱନ୍ଦ୍ୱର ଅବସାନ, ବିବାଦରେ ବିଜୟ, ପାଠକୀୟ ପ୍ରଶଂସା ପ୍ରାପ୍ତି, ମିତ୍ରବନ୍ଧୁ ସମାଗମ।

# ସର୍ବାଧିକ ହୀରା ଖଚିତ ମୁଦି



ରତ୍ନପଥର ମଧ୍ୟରେ ହୀରା ଏକ ବହୁମୂଲ୍ୟ ପଥର। ହୀରାଖଚିତ ଗହଣାର ବଜାର ଚାହିଦା ମଧ୍ୟ ବେଶ୍ ଅଧିକ। ତେବେ ପୃଥିବୀର ସବୁଠାରୁ ଅଧିକ ହୀରାଖଚିତ ମୁଦି ଭାବେ ଏକ ମୁଦି ସ୍ଥାନ ପାଇଛି ଗିନିଜ୍ ୱାର୍ଲ୍ଡ ରେକର୍ଡରେ। ମୁମ୍ବାଇର ଏକ ଗହଣା ପ୍ରସ୍ତୁତକାରୀ ସଂସ୍ଥା ଏଭଳି ଏକ ମୁଦି ପ୍ରସ୍ତୁତ କରି ସୃଷ୍ଟି କରିଛନ୍ତି ରେକର୍ଡ। ଏହି ୧୮ କ୍ୟାରେଟର ହ୍ୱାଇଟ ଏବଂ ରୋଜ୍ ଗୋଲ୍ଡରେ ନିର୍ମିତ ମୁଦି ଉପରେ ୭,୭୭୭ଟି ହୀରା ଖଞ୍ଜାଯାଇଛି, ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୪.୯ ମିଲିୟନ ଡଲାର ରହିଛି। ଦିଲ୍ଲୀର ଲୋଟସ ଟେମ୍ପଲ ଆକୃତିରେ ନିର୍ମିତ ଏହି ମୁଦିକୁ ପ୍ରସ୍ତୁତ କରିବା ଲାଗି ୧୨ ଜଣ କାରିଗରଙ୍କୁ ପ୍ରାୟ ୧୮ମାସ ସମୟ ଲାଗିଥିଲା। ତେବେ ବିଶ୍ୱ ଦରବାରରେ ଭାରତୀୟ କାରିଗରିର ଉତ୍କର୍ଷତା ପ୍ରଦର୍ଶନ କରିବା ପୂର୍ବକ ଏଭଳି ଏକ ରେକର୍ଡ କରିବାଲାଗି ଚେଷ୍ଟା କରାଯାଇଥିବା କଥା କହିଛନ୍ତି ଏହାର ପ୍ରୋଜେକ୍ଟ ହେଡ୍ ନବୀନ ପ୍ରିନ୍ସ ଭଣ୍ଡାରୀ।

# ପାଠକୀୟ

❖ଏଥର ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗ 'ପାଣି କିଛି କାହାଣୀ' ଲେଖାଟି ବହୁତ ସୁନ୍ଦର ହୋଇଛି। ସାରା ଲେଖାରେ ବେଶି ସମସ୍ୟା, ସମାଧାନର ସୂତ୍ର କିଛି ବି ନାହିଁ। ହେଲେ ଆଜିର ସମାଜରେ ଏମିତି ବହୁତ ଭଲ ପାଠକ ଅଛନ୍ତି, ଯେଉଁମାନେ ପଠନ ପରେ ଗବେଷଣା କରନ୍ତି। ତେଣୁ ଆପଣଙ୍କର ଏହି ଲେଖାଟିକୁ ପଢି ସେହି ସମସ୍ୟାଗୁଡ଼ିକୁ କିପରି ସମାଧାନ କରାଯିବ ସେ ନେଇ ଚିନ୍ତା କରିବାକୁ ପ୍ରେରଣା ମିଳୁଥିବାରୁ ଛୁଟିଦିନର ସମସ୍ତ ସଦସ୍ୟମାନଙ୍କୁ ବହୁତ ଧନ୍ୟବାଦ। ସେହିପରି 'ବିଶ୍ୱରେ ପାଳିତ ହେଉଥିବା କିଛି ଅଜବ ଦିବସ' ଏବଂ 'ରୋବୋ କରିବ ଗାର୍ଡେନିଂ' ଆଦି ପାଠଗୁଡ଼ିକ ବି ଖୁବ୍ ଶିକ୍ଷଣୀୟ ଥିଲା।

*–ସନ୍ତୋଷ ଦଳବେହେରା*

❖ପାଣି, ଯାହା ବିନା ଜୀବନ ଅସମ୍ଭବ। ଯାହାକୁ ନେଇ ରହିଛି ଅନେକ କଥା, ଅନେକ କାହାଣୀ। ତେଣୁ ଏହି ପାଣିକୁ ନେଇ ସ୍ୱତନ୍ତ୍ର ଭାବେ ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପାଣି କିଛି କାହାଣୀ'ଟି ଖୁବ୍ ସୁନ୍ଦର ଭାବେ ଉପସ୍ଥାପନା ହୋଇଥିଲା। 'ଟ୍ରେଣ୍ଡି ୱିଣ୍ଟର ଫ୍ୟାଶନ' ପାଠରୁ ବି ଅନେକ କିଛି ଅଜଣା କଥା ଜାଣିହେଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ ଅଭିନେତ୍ରୀ 'ସାଧନା'ଙ୍କ ସମ୍ପର୍କରେ ବି ବହୁ ନୂଆ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*–ଶଶୀରେଖା ସାମଲ, କୋରଡ଼ା, ନୟାଗଡ଼*

❖ସୃଜନ ପୃଷ୍ଠାରେ ସ୍ଥାନିତ 'ଡିବି' ନାମକ ଗପଟି ବେଶ୍ ମନଛୁଆଁ ହୋଇପାରିଥିଲା। ସେହିପରି ସିନେମା ପୃଷ୍ଠାରେ ସ୍ଥାନିତ 'ଅଜୟଙ୍କ ପ୍ରଶଂସାରେ ଶାହରୁଖ', 'ଚୁଜି ହେଲେଣି ୟାମି' ଏବଂ 'ଜାହ୍ନବୀଙ୍କ ବୁଲାବୁଲି ମିଶନ୍' ଆଦି ପାଠଗୁଡ଼ିକ ବି ବେଶ୍ ମଜାଦାର୍ ଥିଲା। ଅନ୍ୟପକ୍ଷେ ସାଥୀର ଏଥରର ହେଡିଂ 'ଅଳପ ରାଗକୁ ଅଳପ ହସ ସହଜେ ଫିଟେନା ପ୍ରେମର ଫାଶ'ଟି ବେଶ୍ ମନଛୁଆଁ ହୋଇପାରିଥିଲା।

*–ରଶ୍ମିତା ପ୍ରଧାନ, ଶୈଳଶ୍ରୀ ବିହାର, ଭୁବନେଶ୍ୱର*

❖ସାମାଜିକ କର୍ମୀ ରାମ ଶଙ୍କରଙ୍କ ପ୍ରଥମ ରୋଜଗାର ସମ୍ପର୍କିତ ଲେଖାଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି 'ସାଇତା ଖେଳନା' ନାମକ ପାଠଟିରୁ ଅନେକ ଦାମୀ ଖେଳନା ସମ୍ପର୍କରେ ଜାଣିହେଲା। ମଡେଲ୍ ମିରର୍‌ରେ 'ସୀମା' ବେଶ୍ ସୁନ୍ଦରୀ ଲାଗୁଥିଲେ। ତା'ସହିତ ସହର ପୃଷ୍ଠାରୁ 'ଐତିହାସିକ ସହର ଥରଂଗମ୍‌ବାଡ଼ି' ସମ୍ପର୍କରେ ବି ବହୁତ ଅଜଣା କଥା ଜାଣି ଖୁସି ଲାଗିଲା।

*–ମିନତୀ ସାହୁ, ଭଞ୍ଜନଗର, ଗଞ୍ଜାମ*

❖ବିବିଧା ପୃଷ୍ଠାରେ ସ୍ଥାନିତ 'ହୀରା ଗିଟାର' ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଚଢ଼େଇଙ୍କ ସଙ୍ଗୀତ ପ୍ରତିଯୋଗିତା', 'ଦ୍ୱୀପରେ ବରଫର ଅଣ୍ଡା' ଏବଂ 'ଟଏଲେଟ୍ ସିଟ୍‌ରେ ତିଆରି ଗୋଲାପ କଷ୍ଟ୍ୟୁମ୍' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା। ସେହିପରି ସୋସିଆଲ୍ ମିଡ଼ିଆରେ କିଭଳି ସମସ୍ତେ ଆକ୍ରାନ୍ତ ହେଉଛନ୍ତି ତାହା ବି ଏଥରର ଛୁଟିଦିନରୁ ପଢି ଜାଣିହେଲା।

*–ବେବିନା ରାଉତରାୟ, ଝୁମ୍ପୁରା, କେନ୍ଦୁଝର*

## ବିଶେଷ ଚିଠି

ସାହିତ୍ୟ ଆକାଶେ ପୂନେଇଁର ଚାନ୍ଦ
ଧରିତ୍ରୀ ଛୁଟିଦିନ,
ଇନ୍ଦ୍ରଧନୁର ସାତରଙ୍ଗ ନେଇ
ଆସେ ରବିବାର ଦିନ।
ସାଥୀର ଉତ୍ତର ବ୍ୟାକ୍‌ପେଜ୍ ଖବର
ମୋହେ ସଭିଙ୍କର ମନ,
ସୃଜନ କବିତା ମଞ୍ଜମାୟା କଥା
ପ୍ରତିଟି ଲେଖା ନୂତନ।
କରେ ନିବେଦନ ହେ ପାଠକଗଣ
ପଢନ୍ତୁ ସେ ଛୁଟିଦିନ,
ପଢିଲେ ଜାଣିବେ ଜାଣିଲେ ଜିଣିବେ
ନିଶ୍ଚୟ ବଢିବ ଜ୍ଞାନ।




*–ଡ. ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଅଟୋ ରାଣୀ



ରାଜ୍ କିଶୋରୀ

ଆଜିର ଯୁଗରେ ମହିଳାମାନଙ୍କ ପକ୍ଷେ ବିଭିନ୍ନ ମୋଟରଯାନ ଚଳାଇବା କିଛି ଅସମ୍ଭବ ନୁହେଁ । ମାତ୍ର ସମାଜରେ ଏମିତି ଅନେକ ମହିଳା ଅଛନ୍ତି, ଯେଉଁମାନେ କି ପରିବାରର ଆର୍ଥିକ ଅଭାବ ଯୋଗୁ ଘର ଚଳେଇବାରେ ନାନାପ୍ରକାର ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏଥିଯୋଗୁ ପରିବାରରେ କେବଳ ପୁରୁଷ ନୁହନ୍ତି ଆର୍ଥିକ ବିକାଶ ନିମନ୍ତେ ମହିଳାମାନେ ବିଭିନ୍ନ ପ୍ରକାରର କାର୍ଯ୍ୟପନ୍ଥା ଅବଲମ୍ବନ କରିଥାନ୍ତି। ଏଥିପାଇଁ ଅନେକ କଷ୍ଟ ସହ୍ୟ କରିବାକୁ ପଡୁଥିଲେ ମଧ୍ୟ ବେଳେବେଳେ ପରିସ୍ଥିତି ଏମାନଙ୍କୁ ସ୍ୱାବଲମ୍ବୀ ହେବାରେ କିଛି ନିଆରା ବାଟ ଦେଖାଇଥାଏ। ସେ ବୋହୂ ହେଉ କି ଝିଅ। ନିଜ ପରିବାର ଗୁଜୁରାଣ ପାଇଁ ଅଟୋରିକ୍ସା ଚଳେଇବାରେ ସହାୟକ ହୋଇପାରିଛନ୍ତି। ସେମିତି କେତେଜଣ ଅଟୋରିକ୍ସା ଚାଳିକାଙ୍କ ସମ୍ପର୍କରେ ...

**ରାଜ୍ କିଶୋରୀଙ୍କ ସଙ୍କଳ୍ପ–** ଘରେ ଯେତିକି ରୋଜଗାର ହେଉଥିଲା ସେତିକିରେ ପରିବାର ଚଳିବା କଷ୍ଟ ହୋଇପଡୁଥିଲା। ସବୁବେଳେ ଚିନ୍ତିତ ରହୁଥିଲୁ। ଗୋଟେ ଯୋଜନା ଜୁଟିଲା। ତା' ପରେ ସେଥିରେ ରୋଜଗାର କରି ପରିବାର ଚଳେଇପାରୁଛି। ସେ ହେଲେ ରାଜ୍ କିଶୋରୀ ଟେଟେ। ବୟସ ୩୬। ଘର ଦେବଗଡ ଜିଲା ତିଲେଇବଣି ବ୍ଲକର ଗଜେରିବଣୀ ଗ୍ରାମରେ। ସେ କୁହନ୍ତି, ମୋର ଶିକ୍ଷା ଦଶମ । ସ୍ୱାମୀ ଜଣେ ବସ ଡ୍ରାଇଭର, ମାତ୍ର ଶାଶୁଘରେ ଚଳଣିରେ ଘୋର ଅଭାବ ଅସୁବିଧା ଦେଖାଦେଲା। ଦିନକୁଦିନ ଅଭାବ ଅସୁବିଧା ବଢିବାରେ ଲାଗିଲା କିନ୍ତୁ ନିଜେ କିପରି ସ୍ୱାବଲମ୍ବୀ ହୋଇ ଚଳିବି ସେଥିପାଇଁ ଚିନ୍ତା କଲି। ଏଥିପାଇଁ ସ୍ୱାମୀଙ୍କ ସହଯୋଗ ରହିଲା। ଅଟୋରିକ୍ସା ଚାଳନା ଶିଖିଲି। ଏବେ ଦୀର୍ଘ ୭ମାସ ହେଲା ମୁଁ ଅଟୋରିକ୍ସା ଚଳାଉଛି। ପ୍ରତିଦିନ ଭୋରରୁ ଉଠି ନିଜର ପିଲାଛୁଆ ଓ ସ୍ୱାମୀଙ୍କର ନିତ୍ୟକର୍ମ ସାରି ଅଟୋ ରିକ୍ସାଧରି ଦେବଗଡ ସହର ବସଷ୍ଟାଣ୍ଡ ପହଞ୍ଚିଥାଏ। ଯାତ୍ରୀମାନଙ୍କୁ ଡାକ୍ତରଖାନା, ଥାନା ଏପରି କି ଯିଏ ଯେଉଁଠି କି ଯିବ ତାଙ୍କୁ ଅଟୋରିକ୍ସାରେ ନେଇଥାଏ। ମତେ କେହିକେବେ ହଇରାଣ କରିନାହାନ୍ତି । ପ୍ରତ୍ୟେକ ଦିନ ୩୦୦ରୁ ୪୦୦ ଟଙ୍କା ରୋଜଗାର ହୋଇଥାଏ। ଏଥିରେ ଘରର କିଛି ଆବଶ୍ୟକତା ପୂର୍ଣ୍ଣ ହୋଇଯାଉଛି। ମୋର ପରିବାର କହିଲେ ମୋର ସ୍ୱାମୀ, ଦୁଇଟି ପୁଅ, ଗୋଟିଏ ଝିଅ। ବଡ ପୁଅ ୬ଷ୍ଠ ଶ୍ରେଣୀରେ, ସାନପୁଅ ୪ର୍ଥ ଓ ଝିଅ ୨ୟ ଶ୍ରେଣୀରେ ପଢନ୍ତି। ଏତିକିରେ ମୁଁ ଖୁସୀ । ମୋର ସ୍ୱପ୍ନ ଅଛି ପିଲାଛୁଆଙ୍କୁ ଉଚ୍ଚ ଶିକ୍ଷିତ କରିବା ପାଇଁ। ଜଣେ ମହିଳା ଅଟୋଚାଳିକା ଭାବେ ନିଜ ପରିବାରର ଭବିଷ୍ୟତ ପାଇଁ ରୋଜଗାର କରିପାରୁଥିବାରୁ ଅନ୍ୟମାନଙ୍କ ମଧ୍ୟରେ ମୋତେ ଏକ ନିଆରା ପରିଚୟ ମିଳିଛି।

**ଝାନ୍ସୀ ରାଣୀଙ୍କ କଥା–** ଆମ ଘର ମୟୂରଭଞ୍ଜ ଜିଲାର ବାରିପଦା ସହର ନିକଟସ୍ଥ ମହୁଲିଆ ଗ୍ରାମରେ । ବାପା ଅଜୟ କୁମାର ପଣ୍ଡା। ମା' ହରପ୍ରିୟା ଓ ଚାରିଭାଇ ଭଉଣୀଙ୍କୁ ନେଇ ଆମ ସଂସାର। ମୁଁ ଝାନ୍ସ ରାଣୀ ହେଉଛି ଘରର ସର୍ବକନିଷ୍ଠ। ମୋ ବାପା ଜଣେ ଘରୋଇ ବସ୍ ଡ୍ରାଇଭର। ଗାଁରେ ବି ବେଳେବେଳ ସେ ଅନ୍ୟର ଅଟୋରିକ୍ସା ଚଳାଇଥାନ୍ତି। ଆଉ ସେଥିରେ ମାସକୁ ଯାହା କିଛି ରୋଜଗାର ହୁଏ ଆମ ପରିବାର ଚଳେ। ଏମିତି କଥାକୁ ବଖାଣିଥିଲେ ଝାନ୍ସୀ ରାଣୀ ପଣ୍ଡା। ସେ କୁହନ୍ତି, ଘରର ଆର୍ଥିକାବସ୍ଥା ସ୍ୱଚ୍ଛଳ ନ ଥିବାରୁ ଘର ଚଳିବାରେ ବହୁତ କଷ୍ଟ ହୋଇପଡୁଥିଲା। ପୁଣି ଆମେ ଭାଇ ଭଉଣୀ ସମସ୍ତେ ଭଲ ପଢୁଥିଲୁ କିନ୍ତୁ ଅର୍ଥାଭାବ ଯୋଗୁ ପଢାରେ ବି ଅସୁବିଧା ଉପୁଜୁଥିଲା। ସେତେବେଳେ ମୁଁ ମାଟ୍ରିକରେ ପ୍ରଥମସ୍ଥାନ ହାସଲ କରିଥିଲେ ହେଁ ଅଧିକ ପଢିବା ପାଇଁ ଟଙ୍କାର ଅଭାବ ଥିଲା। କେମିତି ଭଲ ପଢିବି ବଡ଼ ଚାକିରି କରିବି ସେଥିପାଇଁ ଭାବୁଥିଲି। ତେବେ ସ୍ୱପ୍ନ ସବୁ ଅଧାରୁ ବାଟବଣା ହୋଇଯାଉଥିଲା। କାରଣ ବାପାଙ୍କ ସ୍ୱଳ୍ପ ରୋଜଗାର ଯଥେଷ୍ଟ ହେଉ ନ ଥିଲା। ଅଭାବ ଅସୁବିଧା ଲାଗି ରହୁଥିଲା। ସେତେବେଳେ ବଡ଼ ଭଉଣୀ ଷ୍ଟେନୋଗ୍ରାଫି ସହିତ ବି.ଏ. ପଢୁଥାଏ। ମଝିଆ ଭଉଣୀ ବି.କମ୍ ଓ ସାନ ଭଉଣୀ ଷ୍ଟାଣ୍ଡାର୍ଡ ୪ର୍ଥରେ ପଢୁଥାଏ। ଏମିତି ପରିସ୍ଥିତିରେ ଘରର ଆର୍ଥିକ ପରିସ୍ଥିତିରେ କିପରି ପରିବର୍ତ୍ତନ ହେବ ସେଥିପାଇଁ →



ଝାନ୍ସୀ ରାଣୀ

**ପରିବାରର ଆର୍ଥିକ ପରିସ୍ଥିତି ସୁଧାରିବା ପାଇଁ କେବଳ ପୁରୁଷମାନେ ନୁହଁନ୍ତି , ମହିଳା ମାନେ ବି ଅଣ୍ଟା ଭିଡ଼ିଥାନ୍ତି। ଏମିତିକି ଦିନରାତିକୁ ଖାତିର ନକରି ଅଟୋ ଚଳାଇ ପରିବାର ପ୍ରତିପୋଷଣ କରିଥାନ୍ତି। ସେମିତି କେତେଜଣ ମହିଳାଙ୍କ ସମ୍ପର୍କରେ...**








ଚିନ୍ତାକଲି । ଅଧିକ ପଢିବାକୁ ହେଲେ କିଛି ରୋଜଗାର କରିବାକୁ ହେବ ବୋଲି ଯୋଜନାକଲି। ବେଳେବେଳେ ବାପାଙ୍କ ସହିତ ଗାଁରୁ ଅଟୋରିକ୍ସାରେ ବାରିପଦାକୁ ଯାଉଥିଲି। ଦୃଢମନରେ ଥରେ ବାପାଙ୍କୁ କହିଲି ଅଟୋ ଡ୍ରାଇଭିଂ ଶିଖିବି । ଏଥିରେ ବାପା ରାଜି ହେଲେ। ତା’ ପରେ ମନରେଥିବା ଆଗ୍ରହକୁ କାମରେ ଲଗାଇଥିଲି। କିଛିଦିନରେ ଅଟୋ ଚଳାଇବା ଶିଖିଗଲି । ତା’ ପରେ ଭାବିଲି ଯଦି ଏମିତିରେ କିଛି ରୋଜଗାର କରି ପରିବାରରେ ସହଯୋଗ କରିପାରନ୍ତି କେମିତି ହୁଅନ୍ତା । ଏକଥା ଭାବି ଦିନେ ମା’ଙ୍କୁ ଅଟୋରେ ବସାଇ ବାରିପଦା ବାଘଡ଼ା ରୋଡ଼ରେ ଯାଉଥିଲି । ସେତିକି ବେଳେ ଜଣେ ବ୍ୟକ୍ତି ନିଜ ପରିବାର ସହ ବସଷ୍ଟାଣ୍ଡକୁ ଯିବା ପାଇଁ ମୋତେ ଅନୁରୋଧ କରିଥିଲେ । ସେଦିନ ସେହି ବ୍ୟକ୍ତିଙ୍କ ସହ ତାଙ୍କ ପରିବାରର ଆଉ କେତେଜଣ ସଦସ୍ୟଙ୍କୁ ମୁଁ ଅଟୋରେ ବସାଇ ବସଷ୍ଟାଣ୍ଡରେ ପହଞ୍ଚାଇ ଦେଇଥିଲି। ଏଥିପାଇଁ ସେ ମୋତେ ଅଟୋଭଡ଼ା ବାବଦକୁ ୪୦ଟଙ୍କା ଦେଇଥିଲେ। ତା’ ପରେ ରୋଜଗାର ପ୍ରତି ମୋ ମନରେ ଅଧିକ ନିଶା ବଢିଯାଇଥିଲା । ମା’ଙ୍କୁ ଘରେ ଛାଡ଼ି ଦେଇ ପୁଣିଥରେ ଅଟୋ ଧରି ପହଞ୍ଚି ଥିଲି ଛକ ଜାଗାରେ । ପୁଣି ଏକ ଭଡ଼ା ମିଳିଯାଇଥିଲା। ସେଦିନ ଅଟୋଚଳାଇ ୨୫୦ଟଙ୍କା ରୋଜଗାର ହୋଇଥିଲା। ସେବେଠାରୁ ଅଟୋ ଚଳାଇ ରୋଜଗାର କରୁଛି। ପ୍ରଥମେ ପ୍ରଥମେ ଅଟୋ ଚଳାଇଲା ବେଳେ କେହି କେହି ଅନେକ କଥା କହିଛନ୍ତି ଏପରି କି ଯୁକ୍ତ ଦୁଇ ପଢିଲା ବେଳେ ମୋର କେତେକ ସାଙ୍ଗ ମୋ ସହିତ ବି କଥା ହେଲେ ନାହିଁ। ମାତ୍ର ଏମିତି କଥା ପ୍ରତି ଗୁରୁତ୍ୱ ନ ଦେଇ ମୁଁ ଅଟୋଚଳାଇବା ଜାରି ରଖିଲି। ତେବେ ପରବର୍ତ୍ତୀ ସମୟରେ ଲୋକେ ମୋତେ ପ୍ରଶଂସା କଲେ। ଆଉ ଗଣମାଧ୍ୟମରେ ମୋ କଥା ବାହାରିଲା । ମୋ ମନୋବଳ ଦୃଢ ହୋଇପାରିଲା । ଏମିତିରେ ବଡ଼ଭଉଣୀର ବାହାଘର ସରିଯାଇଛି। ମଝିଆ ଭଉଣୀ ଏକ ଏନ୍‌ଜିଓରେ କାମ କରୁଛି। ସାନଭଉଣୀ ପଢୁଛି। ମୁଁ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟରେ ଇକୋନମି ଅନର୍ସ ରଖି ପଢୁଛି। ଅଟୋରିକ୍ସା ଚଳାଇ ପରିବାରର ରୋଜଗାରରେ ସହଯୋଗ କରିପାରୁଛି।

**କବିତାଙ୍କ କାହାଣୀ–** ଶାଶୁଘରେ ବୋହୂ ହୋଇ ରହିଥିବାବେଳେ ବାହାରକୁ ବାହାରିବାରେ ଥିଲା ବହୁ କଟକଣା । ମାତ୍ର ପରିସ୍ଥିତି ତାଙ୍କର ପାରିବା ପଣିଆରେ ଦେଲା ନିଆରା ପରିଚୟ। ଏବେ ସେ ଜଣେ ଅଟୋ ଚାଳିକା। ସେ ହେଲେ କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ନହବେଡ଼ା ଗ୍ରାମର କବିତା ପ୍ରଧାନ। ଆଜକୁ ପ୍ରାୟ ୧୧ ବର୍ଷ ତଳେ ଏହି ଗାଁକୁ ସେ ବୋହୂ ହୋଇଆସି ଶଙ୍କର୍ଷଣ ପ୍ରଧାନଙ୍କୁ ବିବାହ କରିଥିଲେ। ମାତ୍ର ସ୍ୱାମୀଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିଲା। ଏମିତି ଅଭାବ ଅସୁବିଧାରେ କିଛିବର୍ଷ ଚାଲିଲା ଘରସଂସାର। ଇତି ମଧ୍ୟରେ କବିତାଙ୍କ ଦୁଇ ଝିଅ । ଏବେ ବଡ଼ ଝିଅର ବୟସ ୯ ବର୍ଷ। ସାନଝିଅକୁ ୭ ବର୍ଷ। କିନ୍ତୁ ସ୍ୱାମୀଙ୍କ ରୋଜଗାରରେ ଘର ଚଳିବା ସହ ପିଲାଙ୍କୁ ପାଠ ପଢାଇବାରେ ଦିନକୁଦିନ ଅତ୍ୟନ୍ତ କଷ୍ଟକର ହେବାରୁ କବିତା ନିଜେ କିଛି ରୋଜଗାର କରିବା ପାଇଁ ଚିନ୍ତା କରିଥିଲେ । କ’ଣ କରିବେ ନ କରିବେ ସେନେଇ ଚିନ୍ତା କରୁ କରୁ ଅଟୋ ଚଳାଇ ପରିବାର ପୋଷିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଗାଁର ବୋହୂଟିଏ ଘର ଏରୁଣ୍ଡି ଡେଇଁ ଅଟୋ ଚଳାଇବା କଥା ପ୍ରଥମେ ସମସ୍ତଙ୍କୁ ବିସ୍ମିତ କରିଥିଲା। ସେ କୁହନ୍ତି, ଏ ଦିଗରେ ସ୍ୱାମୀ ସହଯୋଗ ଓ ସାହସ ଦେଇଥିଲେ। ପ୍ରତିଦିନ ନିଜ ଅଞ୍ଚଳରେ ଥିବା ହାଟକୁ ବିଭିନ୍ନ ରାଶନ ସାମଗ୍ରୀ ଅଟୋରେ ନେଇ ବିକ୍ରି କରୁଛି। ପ୍ରାୟ ବର୍ଷେ ହେଲା ଏକ ଡାଲା ଅଟୋ ଚଳାଉଛି। ଅଟୋ ଚଳାଇବା ପରେ ଆର୍ଥିକ ସ୍ଥିତିରେ ସୁଧାର ଆସିଛି। ଦୁଇଝିଅଙ୍କୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପଢାଇବା ସହ ପ୍ରତି ମାସରେ ଅଟୋ କିସ୍ତି ମଧ୍ୟ ଶୁଝୁଛି। ଦୁଃଖକଷ୍ଟରେ ଚଳିବା ଅପେକ୍ଷା ପରିଶ୍ରମ କରି ରୋଜଗାର କରିବା ଭଲ। ସେଇଥିପାଇଁ ଅଟୋ ଚଳାଇବା ଶିଖିଲି। ପ୍ରଥମେ ମୋ ଅଟୋ ଚଳାଇବାକୁ କେତେକ ବ୍ୟକ୍ତି ଭିନ୍ନ ଦୃଷ୍ଟିରେ ଦେଖୁଥିଲେ, ମାତ୍ର ମୋର ସେମାନଙ୍କ ପ୍ରତି ଖାତିର ନ ଥିଲା। ଏବେ ଆମ ପରିବାରର ଆର୍ଥିକ ପରିସ୍ଥିତି କିଛି ମାତ୍ରାରେ ସୁଧୁରିପାରିଛି। ବଳକା ସମୟ ନଷ୍ଟ ନ କରି ନିଜର ରୋଜଗାର ପ୍ରତି ସମୟ ଦେଉଛୁ। ଅଟୋ ଚଳାଇ ପରିବାର ପ୍ରତିପୋଷଣରେ ସ୍ୱାମୀ ଓ ଶ୍ୱଶୁରଙ୍କ ସହଯୋଗ ରହିଛି । ଏଥିରେ ଆମେ ଖୁସୀ ଅଛୁ।



**ସୁଲତାଙ୍କ ପ୍ରୟାସ–** ପରିବାରର ଆର୍ଥିକ ଅନଟନ ପରିସ୍ଥିତି ସୁଧାରିବାର ଚିନ୍ତା ଘାରିଥିଲା ତାଙ୍କୁ । ଏବେ ସେ ଅଟୋଚଳାଇ ପରିବାର ପ୍ରତିପୋଷଣରେ ସହାୟକ ହୋଇଛନ୍ତି। ଏମିତି ଜଣେ ଛାତ୍ରୀ ହେଲେ କୋରାପୁଟ ଜିଲାର ବୋରିଗୁମ୍ମା ବ୍ଲକର କାମତା ଗ୍ରାମପଞ୍ଚାୟତ ଖଜୁରୀଗୁଡ଼ା ଅଞ୍ଚଳର ଝିଅ ସୁଲତା ଗୋଲରୀ। ପିତା ସୀମାଞ୍ଚଳ ଗୋଲରୀ, ମା, ଦୁଇ ଭଉଣୀ ଓ ଗୋଟିଏ ଭାଇଙ୍କୁ ନେଇ ତାଙ୍କ ପରିବାର। କିନ୍ତୁ ସୁଲତା ହେଲେ ଘରର ବଡ଼ଝିଅ। ମାଟ୍ରିକ ପରୀକ୍ଷାରେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ମଧ୍ୟ ଅର୍ଥାଭାବ ଯୋଗୁ ସେ ଆଉ ଅଧିକ ପାଠ ପଢିପାରି ନ ଥିଲେ। ପରିବାରର ଏପରି ଅଭାବ ପରିସ୍ଥିତିରେ ତାଙ୍କର ମା’ ସାନଭଉଣୀଙ୍କୁ ନେଇ କେଉଁ ଆଡ଼େ ପଳାଇଛନ୍ତି। କିନ୍ତୁ ପିତା ସୀମାଞ୍ଚଳ ଜଣେ ଅଟୋ ଚାଳକ ହୋଇଥିଲେ ବି ସେ ଆଉ ଆଗଭଳି ଅଟୋ ଚଳାଇବାରେ ଆଗଭର ହୋଇପାରୁ ନାହାନ୍ତି କାରଣ ତାଙ୍କ ଦେହ ଅସୁସ୍ଥ ଯୋଗୁ ଡ୍ରାଇଭିଂ କରିବାରେ ଅକ୍ଷମ ହୋଇପଡ଼ିଛନ୍ତି । ତେବେ ଏମିତି ସମୟରେ ୧୯ବର୍ଷୀୟ ଝିଅ ସୁଲତା ହିଁ ବାପା ଓ ଭାଇଙ୍କ ପାଇଁ ସାହାଭରସା ପାଲଟିଛନ୍ତି। ସୁଲତା କୁହନ୍ତି, ଘରର ପରିସ୍ଥିତି ମୋତେ କିଛି ରୋଜଗାର କରିବା ପାଇଁ ବାଧ୍ୟ କରିଛି। ଅଟୋଚଳାଇ ଯାହାକିଛି ରୋଜଗାର କରୁଛନ୍ତି ସେଥିରେ ପରିବାର ଚଳୁଛି। ସାନଭାଇର ପାଠପଢାରେ ସହଯୋଗ କରୁଛି। କିନ୍ତୁ ଅନ୍ୟର ଅଟୋକୁ ଦିନକୁ ଦୁଇଶହ ଟଙ୍କା ଭଡ଼ାରେ ଆଣି ଅଟୋଚଳାଇବାକୁ ପଡୁଛି। ଦେଶ ଓ ରାଜ୍ୟରେ ନାରୀ ସଶକ୍ତୀକରଣ ଯୋଜନା କାର୍ଯ୍ୟକାରୀ ହୋଇଛି। ହେଲେ ଆମପରି ଗରିବ ପରିବାର ପ୍ରତି ଯଦି କୌଣସି ବ୍ୟାଙ୍କ, ସମବାୟ ସମିତି, ସରକାରୀ ଓ ବେସରକାରୀ ସଂସ୍ଥାର ସହାୟତା ମିଳିପାରନ୍ତା ତେବେ ଭବିଷ୍ୟତ ଗଢିବାର ଆଶ ପୂରଣରେ ସହାୟକ ହୋଇପାରନ୍ତା।

ତେବେ ଏମାନେ ପ୍ରମାଣ କରିଦେଇଛନ୍ତି ଯେ, କେବଳ ପୁରୁଷମାନେ ନୁହନ୍ତି ମହିଳାମାନେ ବି ଚାହିଁଲେ ଯେ କୌଣସି କାମ କରି ପରିବାରର ଆର୍ଥିକ ସ୍ଥିତି ସୁଧାରି ପାରିବେ।

**–ବନବିହାରୀ ବେହେରା**
**ଶଶାଙ୍କଶେଖର ଝାଙ୍କର, ରବିନାରାୟଣ ଚଲାନ,**
**ବିଜୟନାରାୟଣ ସାହୁ, ଶଶିଭୂଷଣ ସାହୁ**




ସୁଲତା

# ମଲ୍ଟି କଲର ଜୁଏଲେରୀ









**ନାରୀଙ୍କ ଗହଣରେ ଜୁଏଲେରୀର ଚାହିଦା ସବୁବେଳେ ରହିଆସିଛି। ଆଉ ସେହି ଚାହିଦାକୁ ଦେଖି ମାର୍କେଟ୍‌କୁ ଜୁଏଲେରୀର କେତେ ନୂଆ ନୂଆ କଲେକ୍‌ଶନ୍ ବି ଆସୁଛି। ଏଇ ଯେମିତି ବର୍ତ୍ତମାନର ଫ୍ୟାଶନ ଟ୍ରେଣ୍ଡରେ ମଲ୍ଟି କଲର ଜୁଏଲେରୀର ଡିମାଣ୍ଡ ଖୁବ୍ ଥିବା ଦେଖିବାକୁ ମିଳୁଛି। ତେବେ ଏହି ମଲ୍ଟି କଲର ଜୁଏଲେରୀର କ'ଣ ସବୁ ଲାଟେଷ୍ଟ ଡିଜାଇନ୍ ରହିଛି, ଆସନ୍ତୁ ଜାଣିବା ସେ ସମ୍ପର୍କରେ...**



**ମଲ୍ଟି କଲର ଇୟର ରିଂ:** ଏହି ଇୟର ରିଂକୁ ଯେକୌଣସି କଲରର ଆଉଟ୍‌ଫିଟ୍ ସହ ଆରାମରେ ପିନ୍ଧିହୁଏ। ତେଣିକି ସେ ଟ୍ରାଡିଶନାଲ୍ ସାଲୱାର୍ ସୁଟ୍ ହେଉ କିମ୍ବା ଜିନ୍ସ, ସର୍ଟ୍ସ ଇତ୍ୟାଦି। ଆଜିକାଲି ମାର୍କେଟ୍‌ରେ ଗୋଲ୍ଡ, ରୋଜ୍‌ଗୋଲ୍ଡ ତଥା ସିଲ୍‌ଭର କଲରର କମ୍ବିନେଶନକୁ ମିଶାଇ ତିଆରି ହେଉଥିବା ଏକ ସ୍ୱତନ୍ତ୍ର ଧରଣର ମଲ୍ଟିକଲର ଇୟର ରିଂ ମିଳୁଛି, ଯାହା ଆକର୍ଷଣୀୟ ଲାଗିବା ସହ ନାରୀଙ୍କୁ ଭାଇବ୍ରାଣ୍ଟ ଲୁକ୍ ଦେଇପାରୁଛି।

**ମଲ୍ଟି କଲର ମିସ୍‌ମ୍ୟାଚ୍ ଇୟର ରିଂ:** ବର୍ତ୍ତମାନର ଫ୍ୟାଶନ ଦୁନିଆରେ ମିସ୍‌ମ୍ୟାଚ୍ ଜୁଏଲେରୀର ବି ଖୁବ୍ ଚାହିଦା ରହିଥିବା ଦେଖିବାକୁ ମିଳୁଛି। ଖାସ୍‌କରି ମଲ୍ଟି କଲର୍ ଷ୍ଟୋନ୍‌ରେ ଆସୁଥିବା ମିସ୍‌ମ୍ୟାଚ୍ ଇୟର ରିଂ ଯୁବତୀମାନଙ୍କର ପ୍ରଥମ ପସନ୍ଦ ପାଲଟିଛି। ତେବେ ଏହି ଧରଣର ଇୟର ରିଂ ପିନ୍ଧିଲାବେଳେ ଶରୀରରେ ଆଉ କୌଣସି ମଲ୍ଟି କଲର୍‌ର ଜୁଏଲେରୀ ପିନ୍ଧିବା ଆଦୌ ଠିକ୍ ନୁହେଁ। ନଚେତ୍ ଲୁକ୍ ସେତେ ଆଟ୍ରାକ୍ଟିଭ୍ ଲାଗେନି।

**ମଲ୍ଟି କଲର ଚୁଡ଼ି:** ମଲ୍ଟି କଲର ଷ୍ଟୋନ୍ ଲାଗିଥିବା ଖୁବ୍ ସୁନ୍ଦର ସୁନ୍ଦର ଚୁଡ଼ି ଏବେ ମାର୍କେଟ୍‌ରେ ମିଳୁଛି, ଯାହାକୁ ଖାସ୍ କରି ଶାଢ଼ି, ସାଲ୍‌ୱାର୍ ସୁଟ୍ କିମ୍ବା ଲେହେଙ୍ଗା ସହ ପିନ୍ଧିଲେ ଗର୍ଜିୟସ୍ ଲୁକ୍ ମିଳିଥାଏ। ବିନା ଷ୍ଟୋନ୍‌ବାଲା ମଲ୍ଟି କଲର ଚୁଡ଼ି ବି ଏବେ ମାର୍କେଟରେ ମିଳିଲାଣି, ଯାହାକୁ ପାର୍ଟି, ଫଙ୍କଶନ୍‌କୁ ଗଲାବେଳେ ଆଉଟ୍‌ଫିଟ୍ ସହ ମ୍ୟାଚିଂକରି ପିନ୍ଧିଲେ ଲୁକ୍ ଆକର୍ଷଣୀୟ ଲାଗେ।

**ମଲ୍ଟି ଷ୍ଟୋନ୍ ୱାଚ୍:** ୱାଚ୍ ବା ଘଣ୍ଟା ପିନ୍ଧିବାକୁ ପସନ୍ଦ କରୁଥିବା ଯୁବତୀମାନେ ଚାହିଁଲେ ମଲ୍ଟି ଷ୍ଟୋନ୍‌ବାଲା ୱାଚ୍ ବି ହାତରେ ପିନ୍ଧିପାରିବେ। ଏବେ ମାର୍କେଟରେ ଅନେକ ଆକର୍ଷଣୀୟ ଡିଜାଇନ୍‌ର ମଲ୍ଟି ଷ୍ଟୋନ୍ ୱାଚ୍ ମିଳିଲାଣି, ଯାହାକୁ ହାତରେ ପିନ୍ଧିଲେ ଘଣ୍ଟା ସହିତ ହାତରେ କୌଣସି ବ୍ରେସ୍‌ଲେଟ୍ ପିନ୍ଧିବା ପରି ଅନୁଭବ ହୋଇପାରିବ।

**ମଲ୍ଟି କଲର ପେଣ୍ଡେଣ୍ଟ ନେକ୍‌ଲେସ୍:** ଖାସ୍‌କରି ପର୍ଲ ନେକ୍‌ଲେସ୍ ସାଙ୍ଗରେ ମଲ୍ଟି ଷ୍ଟୋନ ଖଚିତ ପେଣ୍ଡେଣ୍ଟ ଅଧିକ ସୁନ୍ଦର ଦେଖାଯାଇଥାଏ। ଏହାକୁ ଯେକୌଣସି ଅକେଜନ୍‌ରେ ବି ଆରାମରେ କ୍ୟାରି କରାଯାଇପାରେ।

**ମଲ୍ଟି କଲର ଟାଇମ୍-ପିସ୍ ନେକ୍‌ଲେସ୍:** ଯେଉଁ ଯୁବତୀମାନଙ୍କର ଭିନ୍‌ଟେଜ୍ ତଥା ଚାର୍ମ ଲୁକ୍ ପସନ୍ଦ, ସେମାନେ ଚାହିଁଲେ ମଲ୍ଟି କଲର ଟାଇମ-ପିସ୍ ନେକ୍‌ଲେସ୍‌କୁ ଟ୍ରାଏ କରିପାରିବେ। ଏହା ଏକ ଟ୍ରେଣ୍ଡି ଜୁଏଲେରୀ ଭାବେ ବି ଜଣାଯାଏ।



**ମଲ୍ଟି ଷ୍ଟୋନ୍ ସିଙ୍ଗଲ୍ ଷ୍ଟେଟ୍‌ମେଣ୍ଟ ନେକ୍‌ଲେସ୍:** ଏହି ନେକ୍‌ଲେସ୍‌କୁ ପିନ୍ଧିଲେ ଗର୍ଜିୟସ୍ ଲୁକ୍ ମିଳିଥାଏ। ଏଥିରେ ମଲ୍ଟି ଷ୍ଟୋନ୍ ଲାଗିଥିବାରୁ ଏହାକୁ ଯେକୌଣସି ରଙ୍ଗର ଆଉଟ୍‌ଫିଟ୍ ସହ ମ୍ୟାଚିଂକରି ପିନ୍ଧିହୁଏ। ତେବେ ଖାସ୍‌କରି ଡିପ୍ ନେକ୍‌ବାଲା ଆଉଟ୍‌ଫିଟ୍ ସହ ଏହି ନେକ୍‌ଲେସ୍‌କୁ ପିନ୍ଧିଲେ ଏହାର ଷ୍ଟାଇଲ୍ ବାହାରକୁ ଭଲ ଦେଖାଯାଇଥାଏ।

**ମଲ୍ଟି କଲର ରିଙ୍ଗ:** ରିଙ୍ଗ୍ ବା ମୁଦି ବି ହେଉଛି ଏମିତି ଏକ ଜୁଏଲେରୀ, ଯାହା ହାତର ଶୋଭା ବର୍ଦ୍ଧନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏବେ ଯେହେତୁ ମଲ୍ଟି କଲର୍ ଜୁଏଲେରୀ ବିଷୟରେ ଏତେ ଆଲୋଚନା କରାଯାଉଛି, ସେଠି ମଲ୍ଟି କଲର ରିଙ୍ଗ୍‌କୁ ଭୁଲିଯିବା ଆଦୌ ଠିକ୍ ହେବନାହିଁ। ତେବେ ଏହି ମଲ୍ଟି କଲର ରିଙ୍ଗ୍‌କୁ ଶାଢ଼ିଠାରୁ ଆରମ୍ଭ କରି ଏମ୍ବ୍ରୋଡେରି ଜ୍ୟାକେଟ୍ ପର୍ଯ୍ୟନ୍ତ ସବୁଥିରେ ମ୍ୟାଚିଂକରି ପିନ୍ଧିହେବ।







# ହେମନ୍ତ କୁମାର









ଭାରତୀୟ ସଙ୍ଗୀତକୁ ବ୍ୟବସାୟିକ କରିବା କ୍ଷେତ୍ରରେ ଯେଉଁ କେତେଜଣ ସଙ୍ଗୀତ ନିର୍ଦ୍ଦେଶକ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରେ ହେମନ୍ତ କୁମାର ଅନ୍ୟତମ। ପୂର୍ବରୁ ସଙ୍ଗୀତ ଦରବାର ସୀମିତ ହୋଇ ରହିଥିଲା। ଶାସ୍ତ୍ରୀୟ ବ୍ୟାକରଣ ଜରିଆରେ ସଂଗୀତକୁ କ୍ଲିଷ୍ଟ କରିଦିଆଯାଉଥିଲା। ଫଳରେ ସାଧାରଣ ଲୋକମାନଙ୍କ ଦ୍ୱାରା ସଙ୍ଗୀତ ସେତେବେଶି ଆଦୃତ ହେଉ ନ ଥିଲା। ଲୋକମାନେ ଲୋକସଙ୍ଗୀତ ବା ପଲ୍ଲୀ ସଙ୍ଗୀତକୁ ମୁଖ୍ୟତଃ ସଙ୍ଗୀତ ଭାବରେ ଗ୍ରହଣ କରୁଥିଲେ। ତେବେ ହେମନ୍ତ କୁମାର ଏବଂ ଅନ୍ୟମାନେ ଶାସ୍ତ୍ରୀୟ ସହିତ ଲୋକସଙ୍ଗୀତ ସମିଶ୍ରଣ ଘଟାଇ ସଙ୍ଗୀତର ଏକ ନୂତନ ଭାବଧାରା ସୃଷ୍ଟିକଲେ, ଯାହା ସାଧାରଣ ଲୋକଙ୍କ ଦ୍ୱାରା ବହୁଭାବରେ ଆଦୃତ ହୋଇଥିଲା। ସେସବୁ ସଙ୍ଗୀତ ମୁଖ୍ୟତଃ ହିନ୍ଦୀ ଫିଲ୍ମରେ ହିଁ ବ୍ୟବହୃତ ହେଲା। ହେମନ୍ତ କୁମାରଙ୍କ ପୂରାନାମ ହେମନ୍ତ ମୁଖାର୍ଜୀ। ସେ ପ୍ରଥମେ ଜଣେ ଗାୟକ ଥିଲେ। ଆଉ ହିନ୍ଦୀ, ବେଙ୍ଗଲି ଏବଂ ଅନ୍ୟାନ୍ୟ ଆଞ୍ଚଳିକ ଭାଷାରେ ଗୀତ ଗାଇ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ରବୀନ୍ଦ୍ର ସଙ୍ଗୀତର ସେ ଥିଲେ ଜଣେ ମହାନ୍ ସାଧକ। ପରେ ପରେ ନିର୍ଦ୍ଦେଶନା ଦେଇ ସୃଷ୍ଟିକଲେ ଅନେକ ଅବିସ୍ମରଣୀୟ ସଙ୍ଗୀତ। ସେ ଦୁଇଥର ରାଷ୍ଟ୍ରୀୟ ପୁରସ୍କାର ମଧ୍ୟ ହାସଲ କରିଥିଲେ।

**ପ୍ରାଥମିକ ଜୀବନ:** ୧୯୨୦ ଜୁନ୍ ୧୬ ତାରିଖରେ ବାରାଣସୀସ୍ଥିତ ତାଙ୍କ ମାମୁଘରେ ହେମନ୍ତ କୁମାର ଜନ୍ମଗ୍ରହଣ କରିଥିଲେ। ତାଙ୍କ ପରିବାର କୋଡ଼ିଏ ବର୍ଷ ତଳେ କଲିକତାକୁ ସ୍ଥାନାନ୍ତରିତ ହୋଇ ଆସିଥିଲେ। ମାମୁଘରେ ଜନ୍ମ ହୋଇଥିଲେ ସୁଦ୍ଧା ହେମନ୍ତଙ୍କର ପିଲାବେଳ କଟିଥିଲା କଲିକତାରେ। ପ୍ରଥମେ ନାସିରୁଦ୍ଦିନ୍ ସ୍କୁଲ ଏବଂ ପରେ ଭବାନୀପୁରରେ ଥିବା ମିତ୍ରା ଇନ୍ଷ୍ଟିଚ୍ୟୁଶନରେ ପାଠ ପଢ଼ିଥିଲେ। ତାଙ୍କ ପିଲାବେଳର ସାଙ୍ଗ ଥିଲେ ବଙ୍ଗଳାର ଖ୍ୟାତନାମା ଲେଖକ ସନ୍ତୋଷ କୁମାର ଘୋଷ ଏବଂ କବି ସୁଭାଷ ମୁଖୋପାଧ୍ୟାୟ। ହେମନ୍ତ କୁମାର ମଧ୍ୟ ଖୁବ୍ ଭଲ ଗଳ୍ପ ରଚନା କରୁଥିଲେ। ସେହିଭଳି ସଙ୍ଗୀତରେ ତାଙ୍କର ବିଶେଷ ରୁଚି ଥିଲା। ଇଣ୍ଟରମିଡିଏଟ୍ ଶେଷକରି ସେ ଯାଦବପୁରରେ ଥିବା ବେଙ୍ଗଲ ଟେକ୍ନିକାଲ ଇନ୍ଷ୍ଟିଚ୍ୟୁଟ୍‌ରେ ଯୋଗଦେଲେ। ତାଙ୍କ ମା'ବାପା ଚାହୁଁଥିଲେ ଯେ, ଇଞ୍ଜିନିୟର ହୁଅନ୍ତୁ। ମାତ୍ର ଇଞ୍ଜିନିୟର ହେବାକୁ ତାଙ୍କ ଭିତରେ ତିଳାର୍ଦ୍ଧେ ବି ଇଚ୍ଛା ନ ଥିଲା। ତେଣୁ ସେ ଇଞ୍ଜିନିୟରିଂ ଛାଡ଼ିଦେଇ ସଙ୍ଗୀତ କରିବାକୁ ନିଷ୍ପତ୍ତି ନେଲେ ଆଉ ତାହା ହିଁ କଲେ। ମା'ବାପାଙ୍କର ବିରୋଧ ତାଙ୍କ ଉପରେ କୌଣସି ପ୍ରଭାବ ପକେଇଲା ନାହିଁ। ସେ ତାଙ୍କର ସବୁତକ ସମୟ ସଙ୍ଗୀତ ପାଇଁ ଉତ୍ସର୍ଗ କରିଦେଲେ। ତେବେ ଗଳ୍ପ ଲେଖା ଛାଡ଼ି ନ ଥିଲେ। ସେତେବେଳେ ବଙ୍ଗଳାରେ ପ୍ରକାଶିତ ହେଉଥିବା 'ଦେଶ' ପତ୍ରିକାକୁ ଏକ ସମ୍ମାନଜନକ ପତ୍ରିକା ଭାବରେ ମାନ୍ୟ କରାଯାଉଥିଲା। ହେମନ୍ତଙ୍କର ଇଚ୍ଛା ଥିଲା ସେହି ପତ୍ରିକାରେ ତାଙ୍କର ଏକ ଗପ ପ୍ରକାଶିତ ହୁଅନ୍ତୁ। ସେଥିପାଇଁ ସେ ଉଦ୍ୟମ ଜାରି ରଖିଲେ। ଆଉ ଶେଷରେ ଦେଶରେ ମଧ୍ୟ ତାଙ୍କର ଏକ ଗପ ପ୍ରକାଶିତ ହେଲା।

**ପରିବାର :** ହେମନ୍ତଙ୍କର ଦୁଇଭାଇ ଏବଂ ଗୋଟିଏ ଭଉଣୀ ନୀଳିମା। ବଡ଼ଭାଇ ତାରାଜ୍ୟୋତି ବଙ୍ଗଳାର ଜଣେ ପ୍ରସିଦ୍ଧ କ୍ଷୁଦ୍ରଗଳ୍ପ ଲେଖକ। ସାନଭାଇ ଅମଳ ମୁଖାର୍ଜୀ ଜଣେ ସଙ୍ଗୀତ ନିର୍ଦ୍ଦେଶକ ଏବଂ ଗାୟକ। ହେମନ୍ତ ଗାୟିକା ବେଲା ମୁଖାର୍ଜୀଙ୍କୁ ବିବାହ କରିଥିଲେ। ବେଲା ମଧ୍ୟ ଅନେକ ବଙ୍ଗଳା ଫିଲ୍ମ ପାଇଁ କଣ୍ଠଦାନ କରିଛନ୍ତି। ଅବଶ୍ୟ ବିବାହ ପରେ ବେଲା ପରିବାରକୁ ସମୟ ଦେବାକୁ ଯାଇ ସଙ୍ଗୀତ ପ୍ରତି ସେତେବେଶି ସମୟ ଦେଇ ନ ଥିଲେ। ହେମନ୍ତ ଓ ବେଲାଙ୍କର ଗୋଟିଏ ପୁଅ ଜୟନ୍ତ ଏବଂ ଗୋଟିଏ ଝିଅ ରାନୁ। ରାନୁ ବଙ୍ଗଳାରେ ଗାୟିକା ରାନୁ ମୁଖୋପାଧ୍ୟାୟ ଭାବରେ ପରିଚିତା। ପୁଅ ଜୟନ୍ତ ଫିଲ୍ମ ଅଭିନେତ୍ରୀ ମୌସୁମୀ ଚାଟାର୍ଜୀଙ୍କୁ ବିବାହ କରିଥିଲେ।

**କ୍ୟାରିୟର:** ରେଡିଓରୁ ଆରମ୍ଭ ହୋଇଥିଲା ହେମନ୍ତ କୁମାରଙ୍କ କ୍ୟାରିୟର। ସେ ଶୈଳେଶ ଦାସଗୁପ୍ତା ତଥା ପଙ୍କଜ ମଲ୍ଲିକଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଗୀତ ଗାଉଥିଲେ। ଏତଦ୍‌ବ୍ୟତୀତ ତାଙ୍କର ଶାସ୍ତ୍ରୀୟ ସଙ୍ଗୀତରେ ମଧ୍ୟ ଭଲ ପ୍ରବେଶ ଥିଲା। ରେଡିଓ ଗୀତ ହିଁ ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା। ପଚାଶ ଦଶକ ବେଳକୁ ହେମନ୍ତ ଜଣେ ଗାୟକ ଭାବେ ନିଜର ପରିଚୟ ସୃଷ୍ଟି କରିସାରିଥିଲେ। ବିଶେଷକରି ରବୀନ୍ଦ୍ର ସଙ୍ଗୀତ କ୍ଷେତ୍ରରେ ତାଙ୍କୁ ସବୁବେଳେ ଲୋଡ଼ାପଡୁଥିଲା। ଏହାପରେ ସେ ନିଜର ଭାଗ୍ୟ ପରୀକ୍ଷା କରିବାକୁ ମୁମ୍ବାଇ ଚାଲିଆସିଥିଲେ। ଆଉ ମୁମ୍ବାଇ ମଧ୍ୟ ତାଙ୍କୁ ନିରାଶ କରି ନ ଥିଲା। ସେ 'ନାଗିନ୍' ଶୀର୍ଷକ ଏକ ଫିଲ୍ମରେ ସଙ୍ଗୀତ ନିର୍ଦ୍ଦେଶନା ଦେଇ ସମସ୍ତଙ୍କର ଦୃଷ୍ଟିଆକର୍ଷଣ କରିପାରିଥିଲେ। ତାଙ୍କ ସଙ୍ଗୀତରେ ଥିଲା ମାଟିର ମହକ, ରବୀନ୍ଦ୍ର ସଙ୍ଗୀତ ଲାଳିତ୍ୟ ପୁଣି ଶାସ୍ତ୍ରୀୟ ସଙ୍ଗୀତର ଗାମ୍ଭୀର୍ଯ୍ୟ। ତେଣୁ ସେ ସଫଳତା ଆଡ଼କୁ ଧାଇଁ ନ ଥିଲେ। ଅଧିକନ୍ତୁ ସଫଳତା ତାଙ୍କ ଆଡ଼କୁ ଅଗ୍ରସର ହୋଇଥିଲା।

୧୯୮୯ ସେପ୍ଟେମ୍ବର ୨୬ ତାରିଖରେ ଏହି ମହାନ୍ ପ୍ରତିଭାଙ୍କର ପରଲୋକ ଘଟିଥିଲା।



## ପୁସ୍ତକ ସମୀକ୍ଷା




### ଫୁଲଦାନି

କବି : ଶକ୍ତି ସ୍ୱାଇଁ

ସଦ୍ୟ ପ୍ରକାଶିତ କବିତା ବହି 'ଫୁଲଦାନି' ପ୍ରକାଶିତ ହୋଇଛି। ଏହାର କବି ହେଉଛନ୍ତି ଶକ୍ତି ସ୍ୱାଇଁ। ପାଖାପାଖି ପଚାଶଟି କବିତା ରହିଛି ଏହି ପୁସ୍ତକରେ। ପିଲାଦିନର ସ୍ମୃତି, ସାମାଜିକ ଚଳଣି, ଗାଁର ଉତ୍ସବ, ସାମାଜିକ ବ୍ୟବସ୍ଥା, ସ୍ଥାନ୍ୟ, ଆଧ୍ୟାତ୍ମିକତା, ରାଜନୀତି ତଥା ଗଭୀର ଆଶାବାଦକୁ ପାଥେୟ କରି ରଚିତ ହୋଇଛି ଏହି ସଂକଳନସ୍ଥ କବିତାଗୁଡ଼ିକ। ସରଳ ଭାଷାରେ ରଚିତ କବିତାଗୁଡ଼ିକ ବେଶ୍ ବୋଧଗମ୍ୟ।

### ପ୍ରୀତି କାଦମ୍ବରୀ

କବି : ପ୍ରିୟଦର୍ଶିନୀ ମହାରଣା

ପ୍ରିୟଦର୍ଶିନୀ ମହାରଣାଙ୍କ ରଚିତ କବିତା ସଂକଳନ 'ପ୍ରୀତି କାଦମ୍ବରୀ' ହସ୍ତଗତ ହୋଇଛି। ଏହା ଏକ ଗୀତି କବିତା ସଂକଳନ। ପ୍ରତ୍ୟେକ କବିତାରେ ଭରିରହିଛି ସାଙ୍ଗୀତିକତାର ମାଧୁର୍ଯ୍ୟ। ମୁଖ୍ୟତଃ ବଙ୍ଗଳାଶ୍ରୀ ବୃତ୍ତରେ ଗୀତି କବିତାଗୁଡ଼ିକୁ ରଚନା କରାଯାଇଛି। ରୋମାଣ୍ଟିକ୍ ଭାବାବେଗ ଉପରେ କବିତାଗୁଡ଼ିକ ପର୍ଯ୍ୟବସିତ। ତେଣୁ ପଢ଼ୁ ପଢ଼ୁ ମନକୁ ଛୁଇଁଯାଏ।

### ରିପୋର୍ଟ୍‌ସ୍ ଆଣ୍ଡ ନୋଟ୍ସ ଅନ୍ ଶ୍ରୀଜଗନ୍ନାଥ ଟେମ୍ପଲ

ଲେଖକ : ସୁରେନ୍ଦ୍ରନାଥ ଦାଶ

ଇଂରାଜୀ ଭାଷାରେ ରଚିତ ୫୨୮ ପୃଷ୍ଠାର ବହିଟି ମୁଖ୍ୟତଃ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ଓ ତଥ୍ୟ ଉପରେ ଆଧାରିତ। ଶ୍ରୀଜଗନ୍ନାଥ ଚେତନା ବହୁଭାବରେ ରହସ୍ୟ ବିଜଡ଼ିତ। ସେ ଉପରକୁ ଦିଶନ୍ତି ଯେତେ ଭିତରେ ବୁଡ଼ିଥାନ୍ତି ସେତେ। ତେବେ ଉକ୍ତ ପୁସ୍ତକରେ ରହିଛି ଅନେକ ଉପାଦେୟ କଥା ; ଯାହା ପ୍ରତ୍ୟେକ ଜଗନ୍ନାଥ ଜିଜ୍ଞାସୁଙ୍କ ପାଇଁ ଉପାଦେୟ ସାବ୍ୟସ୍ତ ହେବ।

# ଚୁଲି

–ଡ. ନରେନ୍ଦ୍ର ସେଠୀ

ଆଖି ପିଛୁଳାକେ ସର୍ବସ୍ୱ ଖାଇଗଲା ପରି ଆଁ ମେଲା କରି ଅନେଇଥିବା ଚୁଲି ଖଣ୍ଡିକ ବୋଉର ଭାରି ପସନ୍ଦ। ବର୍ଷା ହେଲେ ଚୁଲିକୁ ପକ୍ଷିଆ ଘୋଡେଇ ବୋଉ ଓଦା ହେବାରୁ ରକ୍ଷା କରେ। ସବୁଦିନ କାଳି ଅନ୍ଧାରୁ ଉଠି ତା' ଦେହରେ ଗୋବର ମାଖେ। ବୋଉ ନିତି ଚୁଲି ପାଇଁ ଖୋରାକ ଯୋଗାଡ଼ କରେ। ଗଜ ତୋଟା, ସିଲାରି ବଣରୁ ଶୁଖିଲା ପତ୍ର, ଗଣସର ଗହୀରରୁ ଘଷି ପାଇଁ ଗୋବର ଆଣେ। ଜାହାନିଆ ଜଙ୍ଗଲରୁ ଝାଉଁ ପତ୍ର ସଂଗ୍ରହ କରି ରଖେ। ଚୁଲି ଓଳିଏ ନ ଜଳିଲେ ଭାତ ଥାଳି ପବନରେ ଉଡେ।

ଜେଜେ କହନ୍ତି, ମୋତେ ଉପାସରେ ମାରିଦେଲା। ମୁଁ କହେ ବୋଉ ତୁ ମରିଯା। ବାପା ତା' ଚଉଦ ପୁରୁଷ ଉଛାଳି ଦିଅନ୍ତି। ସେଇଥିପାଇଁ ବୋଉ କେବେ ଚୁଲିକୁ ଅଜଳା ରଖେନି । ପ୍ରାଣ ପଣେ ଲାଗିପଡ଼େ। ଶୁଖିଲା ବରଡା ପତ୍ର କେଇଖଣ୍ଡ ଗୁଞ୍ଜି ଚୁଲି ମୁହଁରେ ମୁଖାଗ୍ନି ଦିଏ ଦିନକୁ ତିନିଥର। ସକାଳ, ଖରାବେଳ ଓ ସଞ୍ଜରେ।

ବୋଉ ଏବେ ନାତି ପାଳୁଛି ସହରରେ। ତା'ପରେ ଆଉ କିଏ ଉତରାଧିକାରୀ ହେବ ସେ ସର୍ବ ଗିଳା ଚୁଲିର ? କିଏ ସବୁଦିନ କାଳି ଅନ୍ଧାରୁ ଚୁଲି ଲିପିବ ? ତା'ର ଏବେ ସେଇ ଚିନ୍ତା।

*–ଭାବା ପରମାଣୁ ଗବେଷଣା କେନ୍ଦ୍ର,*
*ଇଷ୍ଟ ସିଂ ଭୂମ୍, ଝାରଖଣ୍ଡ*



# ଅକୁହା ଯନ୍ତ୍ରଣା

–ସସ୍ମିତା ରଥ

ତୁମେ ଠିକ୍ ସେଇ ଅଦିନ ବର୍ଷା ଭଳି
ଯାହାର ସ୍ପର୍ଶରେ ଆନନ୍ଦ ମିଳେ ସତ
କିନ୍ତୁ ଗୋଟେ ମୁହୂର୍ତ୍ତରେ
ସବୁ କିଛି ବଦଳେଇ ଦିଅ...

ତମେ ଠିକ୍ ସେଇ ଜହ୍ନ ଭଳି କେବେ ଦେଖା ଦିଅ
କେବେ ପୁଣି ବାଦଲ ଉହାଡରେ ଲୁଚି ଯାଅ...

ତୁମେ ଠିକ୍ ସେଇ ଝଡ଼ ଭଳି
ଯାହା ମନରେ ଆନ୍ଦୋଳନ ସୃଷ୍ଟି କରେ
କିନ୍ତୁ ଯିବା ପରେ ଶ୍ରୀହୀନ ଏବଂ
ନୀରବତାର ଚିହ୍ନ
ଛାଡି ଦେଇ ଯାଅ...

ତୁମେ ସେଇ ଅମଡ଼ା ବାଟ
ଯେଉଁ ବାଟର ପଥିକ ମୁଁ...
ଯେଉଁଠି ଶୂନ୍ୟ ହୃଦୟରେ
ଆଖି ଲୁହରେ କେବଳ ତୁମକୁ ଖୋଜୁଛି
ସବୁଠି କେବଳ ସେଇ ଅକୁହା ଯନ୍ତ୍ରଣା...

–ଭୁବନେଶ୍ୱର

# ଶୀତ

– ବିଧୁର ଦାଶ

ନୀଳସାଗରେ
ଘନ ବନରେ
ଗାଇଲା ଗୀତ ଶୀତ !
ଝରା ଶେଫାଳି, ଗଙ୍ଗ ଶିଉଳି
ଧରାରେ କୁସୁମିତ !!

–ଧଣ୍ଡାମୁଣ୍ଡା, ବଲାଙ୍ଗୀର, ୨୮

# ସଞ୍ଜ ନଇଁଗଲା ଯେ

–ଲିପିନ ରାଉତ

ସଂଜ ନଇଁଗଲା ଯେ,
ତମେ ତ ଫେରିନ
ଏ ପର୍ଯ୍ୟନ୍ତ
କେମିତି ଦେଖ ଅନ୍ଧକାର
ଘୋଟି ଆସିଲାଣି ଚତୁର୍ଦ୍ଦିଗରୁ
ତା' ଦଳବଳ ନେଇ
ପ୍ରହରୀର ରୂପ ନେଇ
ଭୟ ଏବେ ମୋ ଦୁଆରେ
ଦଣ୍ଡାୟମାନ,
ଏବେ ତ
ବନ୍ଦ କରିବାକୁ ହେବ
ମୋ ଘରର କବାଟ ଝରକା ସବୁ
କିନ୍ତୁ, ତମେ ଯେ ଫେରିନ
ଆଉ ଫେରିବାର କିଛି
ଖବର ବି ଦେଇନ

ମୁଁ ଏବେ ଉପାୟ ଶୂନ୍ୟ,
କ'ଣ କରିବି,
ଅପେକ୍ଷା କରିବି ତୁମକୁ

ନା, ସମର୍ପଣ କରିବି
ଏ ଭୟ ପାଖେ ମୋ ନିଜକୁ....

–ମଦନପୁର, କେଉଁଝର





ରଣବୀର କପୁର

# ନାୟକ ହେବ ଏମିତି

ସତରେ ନାୟକ ହେବ ଏମିତି। ଦେଖୁନାହାନ୍ତି କାନ୍ଧ ଆଘାତକୁ ଖାତିର ନ କରି ସେ କେମିତି ଶୁଟିଂ ସେଟ୍‌ରେ ପହଞ୍ଚିଥିଲେ। କଥା କ'ଣ କି, ଫୁଟବଲପ୍ରେମୀ ରଣବୀର କପୁର ନିକଟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳୁଥିବା ବେଳେ କାନ୍ଧରେ ଆଘାତ ପାଇଥିଲେ। ତା' ପରଦିନ କରନ୍ ଜୋହରଙ୍କ 'ବ୍ରହ୍ମାସ୍ତ୍ର'ର ଶୁଟିଂ । ପୁଣି ଆଘାତ ଏତେ ଜୋର୍‌ରେ ଲାଗିଥିଲା ଯେ, ତା' ପରଦିନ ଯାଇ ଶୁଟିଂ କରିବା ସହଜ ନ ଥିଲା। କିନ୍ତୁ ଏସବୁକୁ ଖାତିର ନ କରି ରଣବୀର ପରଦିନ ଶୁଟିଂ ପାଇଁ ବାହାରି ଯାଇଥିଲେ। ଯେହେତୁ ଫିଲ୍ମଟି ଆସନ୍ତାବର୍ଷ ଗ୍ରୀଷ୍ମ ଋତୁରେ ରିଲିଜ ହେବାର ଯୋଜନା ରହିଛି, ତେଣୁ ଶୁଟିଂ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶକ ଆର୍ଯ୍ୟନ ମୁଖାର୍ଜୀ ଅଣ୍ଟା ଭିଡିଛନ୍ତି। ତେଣୁ ଏପରି ସମୟରେ ଯେ ନିଜ ପାଇଁ ଶୁଟିଂ କ୍ୟାନସେଲ ହେଉ ତାହା ରଣବୀର ଚାହୁଁ ନ ଥିଲେ। ମାଇଥୋଲୋଜିକାଲ ଆକ୍ସନଭିତ୍ତିକ ଏହି ଫିଲ୍ମରେ ସେ ଅଭିନୟ କରୁଥିବା ଚରିତ୍ରଟି ହେଲା 'ଶିବା'। ଏହି ଫିଲ୍ମର ଶୁଟିଂ ଡିସେମ୍ବର ୧୫ ପର୍ଯ୍ୟନ୍ତ ମନାଲିରେ ଚାଲିବ ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ। ଏଥିରେ ରଣବୀରଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଆଲିୟା ଭଟ୍ଟ।

# ହ୍ୟାଟ୍ରିକ୍ ଅପେକ୍ଷାରେ ତାପସୀ

ତାପସୀ ପାନ୍ନୁଙ୍କ ଖୁସି କହିଲେ ନ ସରେ। କାରଣ ତାଙ୍କ ଅଭିନୀତ ଦୁଇଟି ସିନେମା-'ଥପ୍ପଡ' ଏବଂ 'ରଶ୍ମି ରକେଟ୍' ଆସନ୍ତାବର୍ଷ ରିଲିଜ ହେବାକୁ ଯାଉଛି। ତାଙ୍କର ଖୁସି ପଛରେ ଆଉ ଏକ କାରଣ ରହିଛି। ନିକଟରେ ସେ ଆଉ ଏକ ଅନଟାଇଟଲଡ ଫିଲ୍ମରେ ସାଇନ୍ କରିଛନ୍ତି। ଯଦି ଏହା ଆସନ୍ତାବର୍ଷ ରିଲିଜ ହୁଏ ତେବେ ସେ ହ୍ୟାଟ୍ରିକ୍ ମାରିବେ। ଏ ନେଇ ତାପସୀ କହନ୍ତି, '୨୦୨୦ରେ ମୋର ଯେଉଁ ଦୁଇଟି ହିନ୍ଦୀ ଫିଲ୍ମ ରିଲିଜ ହେବ ତାକୁ ନେଇ ଅନେକ ଆଶା ରହିଛି। ମୁଁ ଜାଣିଛି ବଲିଉଡ୍ ଏକ ବିଶାଳ ଜଗତ। ଏଠି ନିଜର ସଫଳତା ଦର୍ଶକଙ୍କ ଉପରେ ହିଁ ନିର୍ଭର କରେ। ତେଣୁ ସେମାନଙ୍କୁ ଭରପୂର ଏଣ୍ଟରଟେନମେଣ୍ଟ ଦେବାକୁ ଏଥିରେ ଚେଷ୍ଟା କରିଛି। ନିକଟରେ ଆଉ ଏକ ହିନ୍ଦୀ ଫିଲ୍ମ ସାଇନ୍ କରିଛି। ଯଦି ତାହା ଆସନ୍ତାବର୍ଷ ରିଲିଜ ହୁଏ ତେବେ ମୋର ତିନୋଟି ହିନ୍ଦୀ ସିନେମା ଗୋଟିଏ ବର୍ଷରେ ପରଦା ଉପରକୁ ଆସିବ।'



ତାପସୀ

# ଇଷିତାଙ୍କୁ କ'ଣ ଭଲଲାଗେ

ଟେଲିଭିଜନ ଦୁନିଆରେ ଇଷିତା ଗାଙ୍ଗୁଲି ଜଣେ ପରିଚିତ ଅଭିନେତ୍ରୀ। ବେଶ୍ କେତୋଟି ବଙ୍ଗଳା ଚଳଚ୍ଚିତ୍ରରେ ଅଭିନୟ କରିବା ପରେ ଛୋଟ ପରଦାରେ ସେ ପାଦ ଦେଇ ନିଜ ଅଭିନୟ ଦକ୍ଷତାର ପରିଚୟ ଦେଇସାରିଛନ୍ତି। ନିକଟରେ ତାଙ୍କ ଅଭିନୀତ ହରର ଫିଲ୍ମ 'କର୍ମା' ରିଲିଜ ହୋଇଛି। ଏହି ଅବସରରେ ସେ ନିଜର ରିଲ୍ ଏବଂ ରିୟଲ ଲାଇଫ ବିଷୟରେ ବଖାଣିବାକୁ ଭୁଲି ନ ଥିଲେ। କଲର୍ସ ଚ୍ୟାନେଲରେ ପ୍ରସାରିତ 'ଇସ୍କ କି ରଙ୍ଗ ସଫେଦ୍' ଏବଂ ସୋନି ଚ୍ୟାନେଲରେ 'ପେଶୱା ବାଜିରାଓ' ତାଙ୍କ ଆକ୍ଟିଂ କ୍ୟାରିୟରକୁ ନୂଆ ମୋଡ ଦେଇଥିଲା। ତେବେ ଇଷିତାଙ୍କୁ କ'ଣ ଖାଇବାକୁ ଭଲ ଲାଗେ ଜାଣନ୍ତି ? ମାଛ ତରକାରି। ଏପରି କି ସୁସ୍ୱାଦ ଖାଦ୍ୟ ପ୍ରସ୍ତୁତ କରିପାରନ୍ତି ସେ। ଅବସର ମିଳିଲେ ସେ ଡ୍ୟାନ୍ସ ପ୍ରାକ୍ଟିସ କରିବା ସହ ଗୀତ ଗାଇବାକୁ ପସନ୍ଦ କରନ୍ତି। ବଲିଉଡ୍‌ରେ ଶାହରୁଖ, ରଣବୀର ସିଂ, ମାଧୁରୀ ଦୀକ୍ଷିତ, ଦୀପିକା ପାଦୁକୋନଙ୍କ ଅଭିନୟ ତାଙ୍କୁ ପ୍ରଭାବିତ କରିଛି। ନିକଟରେ ରିଲିଜ ହୋଇଥିବା 'କର୍ମା' ଫିଲ୍ମ ବିଷୟରେ ସେ କହନ୍ତି, 'ଏଥିରେ ମୁଁ ଜଣେ ଗୃହିଣୀ ଭୂମିକାରେ ଅଭିନୟ କରିଛି। ବିବାହ ପରେ ମୁଁ ମୋ ସ୍ୱାମୀଙ୍କ ସହ ବମ୍ବେ ଯାଉଛି। ସେଠାରେ ଏପରି ଘଟଣା ଘଟୁଛି ଯାହା ଆମ ବୈବାହିକ ଜୀବନକୁ ଦୋହଲାଇ ଦେଇଛି। ତାହା କ'ଣ ଏବଂ ତାକୁ ଆମେ କିପରି ସମାଧାନ କରିଛୁ ତାହା ସିନେମାରେ ଦେଖିବାକୁ ପାଇବେ। ଆଗକୁ କୌଣସି ହିନ୍ଦୀ ସିନେମା ସାଇନ୍ କରିବା ପୂର୍ବରୁ ମୁଁ କେବଳ କାହାଣୀ ନୁହେଁ, ନିଜ ଭୂମିକା ପ୍ରତି ଯଥେଷ୍ଟ ଗୁରୁତ୍ୱ ଦେବି।' ତେବେ ହିନ୍ଦୀ ସିନେମାରେ ଇଷିତା ନିଜ କ୍ୟାରିୟରକୁ କେତେ ବାଟ ଆଗେଇ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।



ଇଷିତା

# ପାରିଶ୍ରମିକ ପାଇଁ..

କ୍ରିତି ସାନନଙ୍କ ମନ ଦୁଃଖ। କାରଣ ସେ ଏକାଥରେ ଦୁଇଟି ଅଫର ହାତଛଡା କରିଛନ୍ତି। ଏହାର କାରଣ ଫିଲ୍ମଦ୍ୱୟର କାହାଣୀ ବୋଲି ସେ କହି ବୁଲୁଛନ୍ତି। ହେଲେ ଅସଲ କଥା କୁଆଡେ ସେଇଆ ନୁହେଁ। ଫିଲ୍ମ ଦୁଇଟି ପାଇଁ ସେ କୁଆଡେ ଯେଉଁ ପାରିଶ୍ରମିକ ଦାବି କରିଥିଲେ ତାହାକୁ ପ୍ରଯୋଜକ ଦ୍ୱୟ ଗ୍ରହଣ କରି ନ ଥିଲେ। ତଥାପି ସେମାନେ କ୍ରିତିଙ୍କୁ ଏ ନେଇ କିଛି ଦିନ ଚିନ୍ତା କରିବାକୁ ସମୟ ଦେଇଥିଲେ। ହେଲେ ଫଳ ଶୂନ। କ୍ରିତି ନିଜ ଜିଦ୍‌ରେ ଅଟଳ ରହିବା ଫଳରେ ଫିଲ୍ମ ଦୁଇଟି ହାତରୁ ଖସିଯାଇଛି। ଏ ସମ୍ପର୍କରେ କ୍ରିତି କହନ୍ତି, 'ଏହି ଫିଲ୍ମଦୁଇଟି ଛାଡିବା ପଛରେ ପାରିଶ୍ରମିକ କାରଣ ବୋଲି ଆଲୋଚନା ହେଉଛି। ହେଲେ ଅସଲ କଥା ସେଇଆ ନୁହେଁ। ସେହି ସିନେମାର କାହାଣୀ ମୋତେ ଭଲ ଲାଗି ନ ଥିଲା। ତେଣୁ ମୁଁ ସେଇଠି ହିଁ 'ଅଭିନୟ କରିବି ନାହିଁ' ବୋଲି ମନା କରିଦେଇଥିଲି। ତାକୁ ନେଇ ଅନେକ ପ୍ରକାର ଆଲୋଚନା ହେଉଛି, ହେଲେ ତା' ପଛରେ କିଛି ସତ୍ୟତା ନାହିଁ।'



କ୍ରିତି

# ସ୍ୱପ୍ନ, ପରିଶ୍ରମ, ସଫଳତା

ସ୍ୱପ୍ନ ଦେଖିବା, ତାହାକୁ ସଫଳ କରିବାକୁ ପରିଶ୍ରମ କରିବା ଏବଂ ଶେଷରେ ସଫଳ ହେବା ସହଜ କଥା ନୁହେଁ। କାରଣ ଏହାର ପ୍ରତିଟି ପାହାଚରେ ସଂଘର୍ଷ କରିବାକୁ ପଡ଼ିଥାଏ। କାହାଣୀ ଅନୁସାରେ ବିଶୁ ଆଖିରେ ଆଖିଏ ସ୍ୱପ୍ନ। ବଡ଼ ହେବ, ସିନେମା ହିରୋ ହେବ। ଏହାକୁ ଏକ ଚ୍ୟାଲେଞ୍ଜ ଭାବରେ ସେ ନିଏ। ମନରେ ଗୋଟିଏ ଆଶା ଯେମିତି ହେଲେ ନିଜର ସ୍ୱପ୍ନକୁ ସାକାର କରିବ। ସବୁ ଝଡ଼ଝଞ୍ଜାକୁ ସାମ୍ନା କରି ସେ ଆଗଉଛି କିପରି ନିଜକୁ ଜଣେ ଆକ୍ସନ ଷ୍ଟାର ଭାବରେ ପରିଚିତ କରାଇବ। ବାସ୍, ସେଥିପାଇଁ ନିଜ ଜୀବନକୁ ବାଜି ଲଗାଇବାକୁ ପଛାଇ ନାହିଁ। ହେଲେ ସେ ନିଜକୁ ବିଶୁରୁ ବିଶ୍ୱରୂପ ଭାବରେ ପରିଚିତ କରାଇ ପାରୁଛି ତ ? ଏପରି ଏକ କାହାଣୀକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ସିନେମା 'ବିଶ୍ୱରୂପ- ବର୍ନ ଟୁ ଫାଇଟ୍'। ଏ ସମ୍ପର୍କରେ ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିଥିବା ବିଶ୍ୱରୂପ କହନ୍ତି, 'କେବଳ ଏହି ଫିଲ୍ମଟି ନୁହେଁ ମୋ ଭୂମିକା ମୋ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। ଏଥିପାଇଁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡ଼ିଛି। ରୋଲ୍‌କୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେଥିପାଇଁ ଟ୍ରେନିଂ ନେଇଛି, ବିଭିନ୍ନ ସ୍ଥାନ ବୁଲି ନଲେଜ ଗେନ୍ କରିଛି। ବିଶେଷକରି ଜଣେ ବକ୍ସର ଜୀବନକୁ ବେଶ୍ ସୁନ୍ଦର ଭାବରେ ଅବତାରଣା କରାଯାଇଛି ଏହି ସିନେମାରେ। ଏ.ବି. କ୍ରିଏଶନ୍ସ ବ୍ୟାନରରେ ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ବିଶ୍ୱଜିତ ମିଶ୍ର। ଅନ୍ୟପକ୍ଷରେ ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଛନ୍ତି ସରୋଜକାନ୍ତ। ଏହି ଫିଲ୍ମରେ ବିଶ୍ୱରୂପଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ନବାଗତା ଅମ୍ରିତା। ତେବେ ଫିଲ୍ମର ସଫଳତାକୁ ନେଇ ବିଶ୍ୱରୂପ ଯେଉଁ ଆଶା ରଖିଛନ୍ତି ତାହା କେତେ ସଫଳ ହେଉଛି, ଚଳଚ୍ଚିତ୍ରଟି ରିଲିଜ ହେଲେ ହିଁ ଜଣାପଡ଼ିବ।



ବିଶ୍ୱରୂପ

# ପ୍ରଥମ ରୋଜଗାରରେ ମମି, ଡାଡିଙ୍କ ପାଇଁ ନୂଆ ଲୁଗା କିଣିଥିଲି

## ପ୍ରଥମ ରୋଜଗାର



ଚକ୍ଷୁରୋଗ ବିଶେଷଜ୍ଞ ତଥା ସାମାଜିକ କର୍ମୀ **ଡା. ତରୁଣ କୁମାର ପଣ୍ଡା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ବ୍ରହ୍ମପୁର ଟାଉନ୍‌ରେ ମୋ ଜନ୍ମ। ସ୍ଥାନୀୟ ଏମ୍.ଏ.ଭି. ସ୍କୁଲ୍‌ରୁ ୧୯୮୯ରେ ମାଟ୍ରିକ୍ ପାସ୍ କରିବା ପରେ ଖଲ୍ଲିକୋଟ କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ପଢ଼ିଥିଲି। ତା'ପରେ ମେଡିକାଲ୍ ଏଣ୍ଟ୍ରାନ୍ସରେ ସିଲେକ୍ଟ ହୋଇ ଏମ୍.କେ.ସି.ଜି. ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲରେ ଏମ୍‌ବିବିଏସ୍ ପଢ଼ିଲି। ପଢ଼ା ସରିଲା ପରେ ଉକ୍ତ କଲେଜରେ ହାଉସ୍ ସର୍ଜନ ଭାବେ ବର୍ଷେ କାମ କରିବା ସମୟରେ ମୋତେ ମାସକୁ ୧୮୦୦ ଟଙ୍କା ଲେଖାଏଁ ଷ୍ଟାଇପେଣ୍ଡ ମିଳୁଥିଲା। ତେବେ ପ୍ରଥମ ଥର ଯେଉଁ ଷ୍ଟାଇପେଣ୍ଡ ଟଙ୍କା ପାଇଥିଲି, ତାହା ଏକକାଳୀନ ଦୁଇମାସର ଥିଲା। ଆଉ ସେହି ଟଙ୍କାରେ ମମିଙ୍କ ପାଇଁ ଶାଢ଼ି, ଚୁଡ଼ି ଓ କସ୍‌ମେଟିକ୍ସ ଏବଂ ଡାଡିଙ୍କ ପାଇଁ ହଳେ ପ୍ୟାଣ୍ଟଶାର୍ଟ କପଡ଼ା କିଣିକି ନେଇଥିଲି। ତେବେ ବର୍ଷେ ହାଉସ୍ ସର୍ଜନ ରହିବା ପରେ ମୋର ପ୍ରଥମ ପୋଷ୍ଟିଂ ରାୟଗଡ଼ାର କାଶୀପୁର ଅଞ୍ଚଳରେ ହୋଇଥିଲା। ସେଠାରେ ଆସିଷ୍ଟାଣ୍ଟ ସର୍ଜନ ଭାବେ ୬ମାସ କାମ କରିବା ସଙ୍ଗେ ସଙ୍ଗେ ପି.ଜି. ଏଣ୍ଟ୍ରାନ୍ସ ପାଇଁ ବି ପ୍ରସ୍ତୁତ ହେଉଥିଲି। ଆଉ ଏହି ଏଣ୍ଟ୍ରାନ୍ସରେ ସମଗ୍ର ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରି କଟକ ଏସ୍‌ସିବି ମେଡିକାଲ୍ କଲେଜ ଆଣ୍ଡ ହସ୍‌ପିଟାଲ୍‌ର ଚକ୍ଷୁରୋଗ ବିଭାଗରେ ପି.ଜି. ପଢ଼ିବା ପାଇଁ ଆଡ୍‌ମିଶନ୍ ନେଲି। ହେଲେ ପି.ଜି. କୋର୍ସ ଆରମ୍ଭ କରିବା ପୂର୍ବରୁ ବାଧ୍ୟତାମୂଳକ ଭାବେ ବର୍ଷେ ପାଇଁ କେବିକେ ସର୍ଭିସ୍ ମାଲକାନଗିରି ଜିଲାରେ କରି ସାରିବା ପରେ ୩ବର୍ଷ ପି.ଜି. ପଢିଥିଲି। ତା'ପରେ ବାଙ୍କୀ ସବ୍‌ଡିଭିଜନ୍‌ରେ ବର୍ଷେ ଚକ୍ଷୁରୋଗ ବିଶେଷଜ୍ଞ ଭାବେ କାମ କରିବା ପରେ ଏସ୍‌ସିବି ମେଡିକାଲ୍ କଲେଜ ଆଣ୍ଡ ହସ୍‌ପିଟାଲ୍‌କୁ ମୋର ବଦଳି ହୋଇଗଲା। ଏଠାରେ ବି ୫ବର୍ଷ ଚକ୍ଷୁରୋଗ ବିଶେଷଜ୍ଞ ଭାବେ କାମ କରିବା ପରେ ପ୍ରମୋଶନ ପାଇ ଆସିଷ୍ଟାଣ୍ଟ ପ୍ରଫେସର୍ ହେଲି। ଏବେ ବି ସେହି ପଦବୀରେ ଥାଇ ମୁଁ ଏସ୍‌ସିବି ମେଡିକାଲ୍‌ରେ ରୋଗୀସେବା କରୁଅଛି। ପିଲାଟିଦିନରୁ ଗରିବ, ଅସହାୟଙ୍କ ପ୍ରତି ମୋ ମନରେ ଦୟାଭାବ ରହି ଆସିଛି। ନିଜ ସାଧ୍ୟମତେ ସେମାନଙ୍କୁ ସାହାଯ୍ୟ କରିବାକୁ ସବୁବେଳେ ଚେଷ୍ଟା କରିଛି। ଏହି ଧାରା ଏବେ ବି ଜାରି ରହିଛି। ଫଳରେ ଯେବେ ବି ମୋତେ ଟିକେ ସୁବିଧା ମିଳୁଛି ମାଗଣା ଚକ୍ଷୁ ଚିକିତ୍ସା ଶିବିର, ମାଗଣା ସ୍ୱାସ୍ଥ୍ୟସେବା ଶିବିର ଇତ୍ୟାଦିର ଆୟୋଜନ କରି ଗରିବ, ଅସହାୟଙ୍କୁ ସାହାଯ୍ୟ ସହଯୋଗ ଯୋଗାଇବାକୁ ଚେଷ୍ଟା କରୁଛି। ସେହିପରି ପୂଜାପାର୍ବଣ ତଥା ଜାନୁୟାରୀ ୨୬ କିମ୍ବା ଅଗଷ୍ଟ ୧୫ ପରି ବିଶେଷ ଦିନ ହେଉ କିମ୍ବା ଆମ ପରିବାରର କାହାର ଜନ୍ମଦିନରେ ମୁଁ ଓ ମୋ ପରିବାର ଲୋକେ ଏକାଠି ମିଶି ବିଭିନ୍ନ ବୃଦ୍ଧାଶ୍ରମ ଅବା ଅନାଥାଶ୍ରମକୁ ଯାଇ ସେଠାକାର ଅନ୍ତେବାସୀଙ୍କ ସହ ମଜାମସ୍ତିରେ ଏହି ଦିନଟିକୁ ବିତାଇଥାଉ। ଯଦ୍ଦ୍ୱାରା ବିଭିନ୍ନ ସୁଖସୁବିଧାରୁ ବଞ୍ଚିତ ଥିବା ସେହି ଅନ୍ତେବାସୀଙ୍କୁ କିଛିକ୍ଷଣ ପାଇଁ ଆନନ୍ଦ ମିଳିଥାଏ, ଆଉ ସେମାନଙ୍କ ଆନନ୍ଦରେ ହିଁ ଆମେ ଖୁସି ପାଉ। ସେହିପରି ରୋଗୀସେବା କରିବା ସମୟରେ ଛୋଟମୋଟ କମେଡି କରିବା, ଗୀତ ବୋଲି ସେମାନଙ୍କୁ ଖୁସି କରାଇବାକୁ ବି ମୋତେ ଖୁବ୍ ଭଲ ଲାଗେ। ଏସବୁ ବ୍ୟତୀତ ଲେଖାଲେଖିରେ ମଧ୍ୟ ମୁଁ ରୁଚି ରଖେ। ଯା'ଭିତରେ ବିଭିନ୍ନ ଚକ୍ଷୁରୋଗ ଓ ତା'ର ନିଦାନ ସମ୍ବନ୍ଧୀୟ ଅନେକ ଲେଖା ମୋର ଉଭୟ ଇଂଲିଶ ଓ ଓଡ଼ିଆ ଭାଷାରେ ବିଭିନ୍ନ ଖବରକାଗଜରେ ପ୍ରକାଶିତ ହୋଇସାରିଲାଣି। ସେହିପରି କେତେକ ଘରୋଇ ଟିଭି ଚ୍ୟାନେଲ୍ ତରଫରୁ ବିଭିନ୍ନ ହେଲ୍‌ଥ ଶୋ'ରେ ଭାଗ ନେଇ ଦର୍ଶକଙ୍କର ଅନେକ ପ୍ରଶଂସା ସାଉଁଟି ସାରିଲିଣି।

*–ଅନ୍ୱିତା*

## ସାଥୀ



# ମନମୋହିନୀର ଚୋରା ଚାହାଣି, ତହିଁରୁ ଝରୁଛି ପ୍ରେମ କାହାଣୀ

**ପ୍ରଶ୍ନ**–ଜଣେ ସୁନ୍ଦରୀ ପ୍ରେମରେ ମୁଁ ପଡ଼ିଯାଇଛି। ତା' ଚୋରା ଚାହାଣି ମୋତେ ଘାଇଲା କରିଛି। ଆମର ଏ ପ୍ରେମ ସଫଳ ହେବ ତ ?

*–ସୁନୀଲ ନାୟକ, ରାୟଗଡ଼ା*

**ଉତ୍ତର:** 'ମନମୋହିନୀର ଚୋରା ଚାହାଣି, ତହିଁରୁ ଝରୁଛି ପ୍ରେମ କାହାଣୀ।' ଏବେ ଆପଣ ସେହି ପ୍ରେମରେ ଫୁଲ୍ ମସ୍‌ଗୁଲ। ବାକି ରହିଲା ଏପରି ପ୍ରେମରେ ସଫଳ ହେବେ କି ନାହିଁ। ବାସ୍, ଏ ପ୍ରଶ୍ନ ନିଜ ମନକୁ ପଚାରନ୍ତୁ। ଯଦି ଆପଣଙ୍କ ପ୍ରେମରେ ଟିକେ ହେଲେ ଆବିଲତା ନାହିଁ, ତେବେ ସେଥିରେ ଅସଫଳ ହେବାର ଆଶଙ୍କା ରହିବା ଠିକ୍ ନୁହେଁ।

**ପ୍ରଶ୍ନ**–ଥରେ ଝିଅଟିଏ ମୋତେ ଦେଖି ହସିଦେଲା। ଏବେ ବି ସେ ମୋତେ ଦେଖିଲେ ହସି ଦେଉଛି। ତାକୁ ପ୍ରେମ ନିବେଦନ କଲେ ଠିକ୍ ହେବ କି ?

*–ଉତ୍ତମ ରାଉତ, କେନ୍ଦ୍ରାପଡ଼ା*

**ଉତ୍ତର:** ଆପଣ ଏମିତି ପାଗ ବାନ୍ଧୁ ବାନ୍ଧୁ ସେ ସୁନ୍ଦରୀ ମନରେ ଆଉ କିଏ ଘର କରି ସାରିଥିବ। ତେଣୁ ଯେହେତୁ ପ୍ରେମର ପ୍ରଥମ ସିଗ୍‌ନାଲ (ହସ) ଆପଣ ପାଇସାରିଛନ୍ତି ତେଣୁ କ'ଣ ପାଇଁ ବିଳମ୍ବ କରୁଛନ୍ତି ତାହା ଆପଣଙ୍କୁ ହିଁ ଜଣା। ବେଳକାଳ ଦେଖି ମନ କଥା କହିଦିଅନ୍ତୁ ନା ! ତାହାର ହସକୁ ନେଇ ଏତିକି ଅନୁମାନ କରାଯାଇପାରେ ଯେ, ସେ କେବେ ଆପଣଙ୍କୁ ହତାସ କରିବ ନାହିଁ। ସୁବିଧା ଦେଖି ଏମିତି ତୀର ମାରନ୍ତୁ ଯେ ଏକାଥରେ ବହି ଫିଟ୍ ହୋଇଯିବ।

**ପ୍ରଶ୍ନ**–ମୋ ପ୍ରେମିକା ମୋତେ ବାହା ହେବାକୁ ରାଜି ହେଉନି। କ'ଣ କରିବି ?

*–ସୁମନ, ବାଲେଶ୍ୱର*

**ଉତ୍ତର:** ଆପଣଙ୍କ ପ୍ରେମରେ କେଉଁଠି ଟିକେ ଭାଇରସ୍ ରହିଯାଇଛି। ତାହାକୁ ଶୀଘ୍ର ଖୋଜି ବାହାର କରନ୍ତୁ। ଯଦି ପ୍ରେମକରି ପ୍ରେମିକାକୁ ପତ୍ନୀ ଭାବରେ ନ ପାଆନ୍ତି ତେବେ ଜୀବନରେ ବଡ଼ ଅବସୋସ ରହିଯିବ। ତେଣୁ ଏମିତି ବୁଦ୍ଧି ଖଟାନ୍ତୁ ଯେମିତି ଆପଣଙ୍କ ଏହି ମିଶନ ସକ୍‌ସେସ୍ ହେବ।

**ପ୍ରଶ୍ନ**–କେଉଁ ଋତୁରେ ପ୍ରେମ କଲେ ଭାରି ମଜା ଲାଗେ ?

*–ଯତିନ ସାହୁ, କଟକ*

**ଉତ୍ତର:** ଆପଣ କେଉଁ ଋତୁ ବୋଲି ଭାବୁଛନ୍ତି ? ସାଥୀ ମତରେ ପ୍ରେମରେ କୌଣସି ଋତୁ ନ ଥାଏ। ଯୁଆଡ଼େ ଚାହିଁବ କେବଳ ପ୍ରେମ ହିଁ ପ୍ରେମ। ତେଣୁ ସେଭଳି ରଙ୍ଗିନ ଦୁନିଆରେ କେବଳ ଗୋଟିଏ ଋତୁ–ପ୍ରେମ ଋତୁ। ଯଦି ଆପଣଙ୍କ ପ୍ରେମ ଠିକ୍ ଲାଇନ୍‌ରେ ଚାଲିଛି ତେବେ ଋତୁ ବିଷୟରେ ଚିନ୍ତା କରିବାର ଆବଶ୍ୟକତା ନାହିଁ। କେବଳ ପ୍ରେମର ମଜା ନେବା ଜାରି ରଖନ୍ତୁ।

**ପ୍ରଶ୍ନ**–ଚୋରା ପୀରତି ଭାରି ଡେଞ୍ଜର–ଏ କଥା ଜାଣି ମଧ୍ୟ ଅନେକେ ପ୍ରେମ କରନ୍ତି କାହିଁକି ?

*–ଅନିକେତ, ପୁରୀ*

**ଉତ୍ତର:** 'ଲୁଚାଚୋରା ପ୍ରେମ ଶେଷ ହୋଇଯାଏ ମାଡ଼ ଯଦି ବସେ ପିଠିରେ, କାମାତୁର ପ୍ରେମ ଶେଷ ହୋଇଯାଏ ଥରେ ସହବାସ ହୋଇଲେ, ଅସଲ ପ୍ରେମରେ ସରାଗ ମିଳଇ ତା'ର କେବେ ଶେଷ ନାହିଁରେ।' ଏଥର ନିଜେ ଚିନ୍ତା କରନ୍ତୁ, ଚୋରା ପୀରତି କାହିଁକି ଡେଞ୍ଜର। ଏମିତି ପ୍ରେମ କରନ୍ତୁ ଯେମିତି ନିଜେ ଠିକ୍ ରହିବେ ଆଉ ନିଜର ପ୍ରେମ। ନ ହେଲେ ଯେମିତି ପ୍ରେମ ସେମିତି ଫଳ। ସେତେବେଳେ ଆଉ କାହା ମୁଣ୍ଡରେ ଅଠା ବୋଲିଲେ କିଛି ଲାଭ ହୋଇ ନ ଥାଏ।






# ଟ୍ୟାକ୍ସ ଏମିତି ବି



**ପୃଥିବୀର ବିଭିନ୍ନ ଦେଶର ଲୋକ ନିଜର ଆୟ ମୁତାବକ ଟ୍ୟାକ୍ସ ବା କର ଦେଇଥାଆନ୍ତି। କାରଣ ଟ୍ୟାକ୍ସ ଦେଶର ବିକାଶ ପାଇଁ ନିହାତି ଜରୁରୀ। ତେବେ ଯଦି ଛୋଟ ମୋଟ କଥାରେ ଟ୍ୟାକ୍ସ ପକାଯାଏ, ତେବେ କେମିତି ଲାଗିବ? ଆମେ ସେମିତି କିଛି ଅଜବ ଟ୍ୟାକ୍ସ ସମ୍ପର୍କରେ ଜଣାଇବାକୁ ଯାଉଛୁ...**

**କଖାରୁ କିଣିଲେ ଟ୍ୟାକ୍ସ**- ପରିବା ଦୋକାନରୁ ଆପଣ ଅନେକଥର କଖାରୁ କିଣିଥିବେ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଆମେରିକାର ନ୍ୟୁଜର୍ସିରେ କଖାରୁ କିଣିଲେ ଦେବାକୁ ପଡିବ ଟ୍ୟାକ୍ସ। କଖାରୁକୁ ଯଦି ଆପଣ କାଟି ବିଭିନ୍ନ ଆକାର ଦେଇ ସେଥିରେ ଲାଇଟ୍ ଲଗାଇ ସଜାଇବା ପାଇଁ କିଣିଛନ୍ତି ତେବେ ସେଲ୍ସ ଟ୍ୟାକ୍ସ ପଡିବ। କିନ୍ତୁ ରୋଷେଇ କରି ଖାଇବା ପାଇଁ କିଣିଥିଲେ ଟ୍ୟାକ୍ସ ଦେବାକୁ ପଡିବ ନାହିଁ।

**ଟାଟୁ କଲେ ଟ୍ୟାକ୍ସ**- ଟାଟୁ କରିବା ଆଜିକାଲି ଯୁବପିଢିଙ୍କର ଫ୍ୟାଶନ ପାଲଟିଗଲାଣି। ତେବେ ଟାଟୁ କରାଇବା ଉପରେ ଯଦି ଟ୍ୟାକ୍ସ ପକାଯାଏ କେମିତି ଲାଗିବ। ଆମେରିକାର ଅରକାନସାସ୍‌ରେ ଟାଟୁ କଲେ ଟ୍ୟାକ୍ସ ଦେବାକୁ ହୁଏ। ସେ ପୁଣି ୬% ସେଲ୍ସ ଟ୍ୟାକ୍ସ।

**ଟଏଲଟ୍ ଫ୍ଲଶ୍ କଲେ ଟ୍ୟାକ୍ସ**- ଟଏଲେଟ୍ ବ୍ୟବହାର କଲାମାନେ ସମସ୍ତେ ଫ୍ଲଶ୍ ନିଶ୍ଚିତ ଭାବେ କରନ୍ତି। ଜାଣନ୍ତି ଏମିତି ଏକ ସ୍ଥାନ ଅଛି, ଯେଉଁଠି ଫ୍ଲଶ୍ କଲେ ବି ଟ୍ୟାକ୍ସ ଦେବାକୁ ହୁଏ। ସେହି ସ୍ଥାନଟି ହେଉଛି ଆମେରିକାର ମେରୀଲାଣ୍ଡ। ଏଠାକାର ସରକାର ଟଏଲେଟ୍ ଫ୍ଲଶ ବ୍ୟବହାର ପାଇଁ ଲୋକଙ୍କଠାରୁ ପ୍ରତି ମାସ ପ୍ରାୟ ୩୫୫ ଟଙ୍କା ଟ୍ୟାକ୍ସ ଆଦାୟ କରିଥାଏ। ଯଦିଓ ଏହି ଟଙ୍କାରେ ନାଳନର୍ଦ୍ଦମା ସଫା କରାଯାଇଥାଏ।



**ବରଫ ଖଣ୍ଡ ପାଇଁ ଟ୍ୟାକ୍ସ**- ଆମେରିକାର ଆରିଜୋନାରେ ବରଫ ଖଣ୍ଡ ବା ଆଇସ୍ ବ୍ଲକ୍ କିଣିଲେ ଟ୍ୟାକ୍ସ ଦେବାକୁ ପଡିଥାଏ। କିନ୍ତୁ ଆଇସ୍ କ୍ୟୁବ୍ କିଣିଲେ ଟ୍ୟାକ୍ସ ଦେବାକୁ ପଡ଼େନା।

**ତାସ୍ ପତା କିଣାବିକାରେ ଟ୍ୟାକ୍ସ**- ଆମେରିକାର ଅଲବାମାରେ ତାସ୍ କିଣା ଓ ବିକା ଉଭୟରେ ଟ୍ୟାକ୍ସ ଦେବାକୁ ପଡିଥାଏ। କିଣୁଥିବା ବ୍ୟକ୍ତି ପ୍ରତି ତାସ୍ ପ୍ୟାକେଟ୍‌ରେ ୧୦% ଓ ବିକୁଥିବା ବ୍ୟକ୍ତି ୭୧ଟଙ୍କା ଫିସ୍ ସହ ୨୧୩ ଟଙ୍କା ବାର୍ଷିକ ଲାଇସେନ୍ସ ପାଇଁ ଦେବାକୁ ହୁଏ।





## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ସମତା



ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ଫଟୋ ସୌଜନ୍ୟ- କୁମାର ଶରତ (ଧରିତ୍ରୀ)**

## ହାଃ ହାଃ

### ବୁଲିବ

ଇଣ୍ଟରଭ୍ୟୁରେ ଯୁବକଙ୍କୁ ପଚରାଗଲା- ଯଦି ପୃଥିବୀ ୩୦ଗୁଣ ଅଧିକ ବେଗରେ ବୁଲିବ କ'ଣ ହେବ ?
ଯୁବକ- ବହୁତ ଭଲ ହେବ। ଆମକୁ ଦରମା ପ୍ରତିଦିନ ମିଳିବ।

### ଟଙ୍କାଟେ

ଯୁବକ ମନ୍ଦିରରେ ଠାକୁରଙ୍କୁ- ହେ ପ୍ରଭୁ, ବୟସ ବଢି ବଢି ଚାଲିଛି। ହେଲେ ଏଯାଏଁ ଚାକିରି ଖଣ୍ଡେ ଦେଲନି। ଚାକିରି ନ ଦେଲ ନାଇଁ ତେତିଶ କୋଟି ଦେବୀ ଦେବତା ଅଛ, ଜଣକା ଟଙ୍କାଟେ ଲେଖାଁ ତ ଦେଇଦିଅ।

### ପଠାଅ

ବୟଫ୍ରେଣ୍ଡ ଗର୍ଲଫ୍ରେଣ୍ଡକୁ ମେସେଜ୍ କରି- ଯଦି ତମେ ଶୋଇଛ, ତୁମ ସ୍ୱପ୍ନ ପଠାଅ। ଯଦି ଚେଇଁଛ କିଛି ମିଠା ସ୍ମୃତି ପଠାଅ। ହସୁଥିଲେ ଟେନାଏ ହସ ଓ କାନ୍ଦୁଥିଲେ ଲୁହ ପଠାଅ।
ଗର୍ଲଫ୍ରେଣ୍ଡ- ମୁଁ ଟୟଲେଟ୍‌ରେ ଅଛି। ଯଦି କହିବ ପଠେଇ ଦେବି।



# ଫୁଲରେ ସଜ୍ଜିତ କାସ୍ ମାଳଭୂମି







**ପ୍ରତିବର୍ଷ ବର୍ଷାଦିନ ସରିଆସିଲା ବେଳକୁ ବିଭିନ୍ନ ପ୍ରକାର ରଙ୍ଗବେରଙ୍ଗର ଫୁଲରେ ଆକର୍ଷଣୀୟ ହୋଇ ଉଠୁଥିବା କାସ୍ ମାଳଭୂମି ମହାରାଷ୍ଟ୍ରସ୍ଥିତ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଭାବେ ଜଣାଶୁଣା...**

ମହାରାଷ୍ଟ୍ରର ସତାରା ନାମକ ସହରଠାରୁ ପ୍ରାୟ ୨୫ କି.ମି. ଦୂରରେ ରହିଛି ଏକ ଆକର୍ଷଣୀୟ ମାଳଭୂମି, ଯାହାର ନାଁ ହେଉଛି କାସ୍ ମାଳଭୂମି। ଏହାକୁ କେହି କେହି କାସ୍ ପଠାର୍ ବୋଲି ବି କହିଥାନ୍ତି। ବର୍ଷାଦିନ ସରିଆସିଲା ବେଳକୁ ଏଠାରେ ବିଭିନ୍ନ ପ୍ରକାର ରଙ୍ଗବେରଙ୍ଗର ଫୁଲ ଫୁଟି ମାଳଭୂମିକୁ ଆକର୍ଷଣୀୟ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ, ଯାହାକୁ ଦେଖିଲେ ମନ ମୁଗ୍ଧ ହୋଇଗଲା ପରି ଲାଗେ। ତା'ଛଡ଼ା ଏହି ସ୍ଥାନଟି ଦେଶରେ ଦେଖିବାକୁ ମିଳୁଥିବା କେତେକ ଶାନ୍ତିପୂର୍ଣ୍ଣ ସ୍ଥାନ ମଧ୍ୟରୁ ଅନ୍ୟତମ। ଖାସ୍ ଏଥିପାଇଁ ଏହାକୁ ୟୁନେସ୍କୋ ୱାର୍ଲ୍ଡ ନାଚୁରାଲ ହେରିଟେଜ୍ ସାଇଟ୍‌ର ମାନ୍ୟତା ମିଳିପାରିଛି।

### ମାଳଭୂମିର ଆକର୍ଷଣ

ସମୁଦ୍ର ପତ୍ତନଠାରୁ ପ୍ରାୟ ୧୨୦୦ ମିଟର ଉଚ୍ଚତାରେ ଥିବା ଏହି ମାଳଭୂମିଟି ପାଖାପାଖି ୧୦ ବର୍ଗ କି.ମି. ପର୍ଯ୍ୟନ୍ତ ପରିବ୍ୟାପ୍ତ। ବର୍ଷାଦିନ ସରିଆସିଲା ବେଳକୁ ଏଠାରେ ବିଭିନ୍ନ ପ୍ରକାର ରଙ୍ଗବେରଙ୍ଗର ଫୁଲ ଫୁଟିବା ଆରମ୍ଭ ହୋଇଥାଏ। ସୂଚନାନୁଯାୟୀ, ଏଠାରେ କୁଆଡ଼େ ୮୫୦ କିସମର ଫୁଲଗଛ ଦେଖିବାକୁ ମିଳେ। ତନ୍ମଧ୍ୟରୁ ଅର୍କିଡ୍ କିସମର କେତେକ ବିରଳ ଫୁଲ ଏଠାକାର ମୁଖ୍ୟ ଆକର୍ଷଣ ସାଜିଥାଏ। ତେବେ ମୁଖ୍ୟ କଥା ହେଉଛି ସ୍ଥାନୀୟ ଅଞ୍ଚଳରେ ଦେଖିବାକୁ ମିଳୁଥିବା ମୃତ୍ତିକା ଏବଂ ଜଳବାୟୁରେ ଏମିତି କିଛି ବିଶେଷତା ରହିଛି, ଯେଉଁଥିପାଇଁ ଏଠାରେ ଫୁଲଗଛ ଖୁବ୍ ସୁନ୍ଦର ଭାବେ ବଢିଥାଏ। ଅଳ୍ପ କିଛି ଫୁଲଗଛକୁ ଏଠାରେ ଲଗାଯାଉଥିବାବେଳେ ମାତ୍ରାଧିକ ଫୁଲଗଛ ଏଠି ସ୍ୱତଃ ପ୍ରବୃତ୍ତ ଭାବେ ଉଠି ମାଳଭୂମିର ଶୋଭାକୁ ବୃଦ୍ଧି କରିଥାଏ, ଯାହା ଦେଖିବାକୁ ବେଶ୍ ଆଖିଦୃଶିଆ ହୋଇଥାଏ।

### ଆଉ କ'ଣ ଦେଖିବେ

କାସ୍ ମାଳଭୂମିର ଦକ୍ଷିଣ ଦିଗରେ ଏକ ହ୍ରଦ ରହିଛି, ଯାହାର ନାଁ ବି ହେଉଛି କାସ୍ ହ୍ରଦ। ଘଞ୍ଚଅରଣ୍ୟ ପରିବେଷ୍ଟିତ ଏହି ହ୍ରଦ ମଧ୍ୟ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ସେହିପରି ମାଳଭୂମିର ନିକଟବର୍ତ୍ତୀ ଅଞ୍ଚଳରେ ଭାଜ୍‌ରାଇ ନାମକ ଏକ ଜଳପ୍ରପାତ ବି ରହିଛି। ପର୍ଯ୍ୟଟକ ଚାହିଁଲେ ଏଠାକୁ ମଧ୍ୟ ବୁଲିଯାଇପାରିବେ।

### କେବେ ଯିବେ

ଏହି ସ୍ଥାନକୁ ବର୍ଷାଦିନ ସରିଆସିଲା ବେଳକୁ ଗଲେ ହିଁ ବୁଲିବାର ପ୍ରକୃତ ମଜା ମିଳିଥାଏ। କାରଣ ସେହି ସମୟରେ ଏଠାରେ ରଙ୍ଗବେରଙ୍ଗର ଫୁଲ ଫୁଟି ମାଳଭୂମିକୁ ଖୁବ୍ ସୁନ୍ଦର ଭାବେ ସଜେଇ ଦେଇଥାଏ। ତେଣୁ ବର୍ଷାଦିନ ଅର୍ଥାତ ଅଗଷ୍ଟରୁ ଅକ୍ଟୋବର ମାସ ଭିତରେ ଏଠାକୁ ଗଲେ ମାଳଭୂମିର ପ୍ରକୃତ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିହୁଏ। ତା'ଛଡ଼ା ନଭେମ୍ବର ଓ ଡିସେମ୍ବରରେ ବି ଏଠାରେ ଅଳ୍ପ କିଛି ଫୁଲର ସମ୍ଭାର ଦେଖିବାକୁ ମିଳିଥାଏ। ସେଥିପାଇଁ ପର୍ଯ୍ୟଟକ ଅଗଷ୍ଟରୁ ଡିସେମ୍ବର ଭିତରେ ଯେତେବେଳେ ଚାହିଁବେ କାସ୍ ମାଳଭୂମିକୁ ବୁଲିବାକୁ ଯାଇ ଏକ ନିଆରା ଅନୁଭୂତି ପାଇପାରିବେ।

### କେମିତି ଯିବେ

ମହାରାଷ୍ଟ୍ରର ସତାରା ଟାଉନ୍‌ଠାରୁ ପ୍ରାୟ ୨୫କି.ମି., ପୁନେଠାରୁ ପ୍ରାୟ ୧୨୫ କି.ମି., ମୁମ୍ବାଇଠାରୁ ପ୍ରାୟ ୨୮୦କି.ମି., କୋହ୍ଲାପୁରଠାରୁ ପ୍ରାୟ ୧୫୦ କି.ମି. ଏବଂ ସାଙ୍ଗ୍‌ଲିଠାରୁ ପ୍ରାୟ ୧୪୭ କି.ମି. ଦୂରରେ ଥିବା ଏହି ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀକୁ ଯିବା ପାଇଁ ଗମନାଗମନର ବେଶ୍ ଭଲ ସୁବିଧା ରହିଛି। ପୁନେ ଏୟାର୍‌ପୋର୍ଟ ଏହାର ନିକଟତମ ବିମାନବନ୍ଦର ହୋଇଥିବାବେଳେ ସତାରା ରେଲୱେ ଷ୍ଟେଶନ ହେଉଛି କାସ୍ ମାଳଭୂମିକୁ ବୁଲିଯିବା ପାଇଁ ନିକଟବର୍ତ୍ତୀ ଏକ ପ୍ରମୁଖ ରେଳ ଷ୍ଟେଶନ। ସେହିପରି ମହାରାଷ୍ଟ୍ରର ବିଭିନ୍ନ ସ୍ଥାନରୁ ଏହି ମାଳଭୂମି ନିକଟକୁ ସିଧାସଳଖ ଟୁରିଷ୍ଟ ବସ୍ ବି ଯାଉଛି। ତେଣୁ ପର୍ଯ୍ୟଟକ ନିଜ ସୁବିଧାନୁସାରେ ଯେଉଁଥିରେ ଚାହିଁବେ ସେଥିରେ ଯାଇ ଆରାମରେ ଏହି ସ୍ଥାନରେ ପହଞ୍ଚିପାରିବେ।











# ପ୍ରେମ ପାଇଁ ରକ୍ତପାନ

ଜର୍ମାନୀର ୩୨ ବର୍ଷୀୟ ଅଲବର୍ଟୋ, ଗର୍ଲଫ୍ରେଣ୍ଡ ଇଲାରିଆଙ୍କୁ ଫେସ୍‌ବୁକ୍‌ରୁ ସେବେ ଜାଣିବାକୁ ପାଇଥିଲେ ଯେବେ ସେ ତାଙ୍କ ସର୍କସ ପାଇଁ ଜଣେ ସହଯୋଗୀ ଆବଶ୍ୟକ ବୋଲି ବିଜ୍ଞାପନ ଦେଇଥିଲେ। ସହଯୋଗୀରୁ ଇଲାରିଆ ଅଲବର୍ଟୋଙ୍କ ଗର୍ଲଫ୍ରେଣ୍ଡ ହୋଇଗଲେ। ଦୁହେଁ ମିଶି ବିଭିନ୍ନ ସ୍ଥାନରେ ଭାମ୍ପାୟର ହରର ଶୋ' କଲେ। ସେଥିରେ ସେମାନେ ଭାମ୍ପାୟର ଭଳି ବେଶ ହୋଇ ଲୋକଙ୍କୁ ବହୁତ ଡରାନ୍ତି। ତେବେ ସେମାନେ କେବଳ ଷ୍ଟେଜ୍‌ରେ ଭାମ୍ପାୟର ସାଜନ୍ତି ନାହିଁ ବରଂ ନିଜ ବ୍ୟକ୍ତିଗତ ଜୀବନକୁ ବି ଭାମ୍ପାୟର ଭଳି ବିତାନ୍ତି। ଅର୍ଥାତ୍ ଘରେ ବି ସେମାନେ ଭାମ୍ପାୟର୍ ଭଳି ରହିବା ସହ ଦୁହେଁ ଦୁହିଁଙ୍କର ରକ୍ତ ପିଅନ୍ତି। ଯଦିଓ ଭାମ୍ପାୟର ଭଳି ବେକକୁ ଦାନ୍ତରେ କାମୁଡି ସେମାନେ ରକ୍ତ ପିଅନ୍ତି ନାହିଁ। ପ୍ରତିଦିନ ସେମାନେ ଉଭୟେ ଉଭୟଙ୍କ ହାତରୁ ସିରିଞ୍ଜରେ ରକ୍ତ ବାହାରକରି ପିଅନ୍ତି। ଇଲାରିଆ ଅଲବର୍ଟୋଙ୍କର ଅଧିକ ରକ୍ତ ପିଅନ୍ତି। କିନ୍ତୁ ଅଲବର୍ଟୋ ଇଲାରିଆଙ୍କ କମ୍ ରକ୍ତ ପିଅନ୍ତି। କାରଣ ସେ ଭୟ କରନ୍ତି ଇଲାରିଆଙ୍କଠାରୁ ଅଧିକ ରକ୍ତ ନେଲେ ତାଙ୍କ ଗର୍ଜିୟସ୍ ଶରୀରରେ ଚିହ୍ନ ହେବା ସହ ଶରୀର ଦୁର୍ବଳ ହୋଇଯିବ। ତେବେ ଦୁହିଙ୍କ ମତରେ ରକ୍ତ ପିଇବା ଦ୍ୱାରା ସେମାନଙ୍କ ମଧ୍ୟରେ ଭଲ ପାଇବା ବଢିଥାଏ।

## କାର୍ଟୁନ କର୍ନର



# ସାଗର-ଟିଙ୍କିଲି ଲଭ୍‌ଷ୍ଟୋରି



କେହିଜଣେ କହିଥିଲେ ଏକଥା, ପ୍ରେମ ଗୋଟେ ଇଚ୍ଛାମତୀ ନଈର ନାଁ। ତେଣୁ କେତେବେଳେ ପ୍ରେମ ହେବ ସେକଥା କେହି ବି ଜାଣି ନ ଥାଏ। ଠିକ୍ ଯେମିତି ଟିଙ୍କିଲି ବି ଜାଣି ନ ଥିଲେ, ସାଗରଙ୍କୁ ଦେଖି ଦେଖି ତାଙ୍କ ଭିତରେ ଖେଳିଯିବ ପ୍ରେମର ଫଗୁଣ। ଯାତ୍ରାନୁଷ୍ଠାନ ଇଷ୍ଟର୍ନ କ୍ଲବ୍‌ର ମୁଖ୍ୟ ଡ୍ୟାନ୍ସର ଥିଲେ ସାଗର। ପାର୍ବତୀ ଗଣନାଟ୍ୟରେ ଡ୍ୟାନ୍ସ କରୁଥିଲେ ଟିଙ୍କିଲି। ବାଘମାରୀରେ ଦୁଇପାର୍ଟିର ଯାତ୍ରା ହେଉଥାଏ। ଆଗରୁ ତ ଟିଙ୍କିଲି ସାଗରଙ୍କ ବିଷୟରେ ଜାଣିଥିଲେ। ସେଇଠି ହିଁ ପ୍ରଥମେ ସେ ଭେଟିଲେ ସାଗରଙ୍କୁ। ବାସ୍, ଆରମ୍ଭ ହେଲା ସାଗର-ଟିଙ୍କିଲି ଲଭ୍‌ଷ୍ଟୋରି।

ଟିଙ୍କିଲିଙ୍କ ଜୀବନ ଯାତ୍ରା ଥିଲା ଭାରି ଦୁଃଖମୟ। ବାପାମା' ଦୁହେଁ ଯାତ୍ରା କଳାକାର ଥିଲେ। ସେ ଥିଲେ ସେମାନଙ୍କର ଏକମାତ୍ର ସନ୍ତାନ। ଅକାଳରେ ବାପାମା' ଚାଲିଗଲେ ଆରପାରିକୁ। ଏକୁଟିଆ ହୋଇଗଲେ ଟିଙ୍କିଲି। ନା ରହିଲା ବାପାଙ୍କର ଭଲପାଇବା ନା ରହିଲା ମା'ର ମମତା। ପିଲାଟିବେଳୁ ବାପାମା'ଙ୍କ ପ୍ରଭାବ ପଡ଼ିଥିଲା ଟିଙ୍କିଲି ଉପରେ। ସେ ଭଲ ଡ୍ୟାନ୍ସ କରୁଥିଲେ। ତେଣୁ ବାପାମା' ଚାଲିଗଲା ପରେ ସେ ଆସି ଯୋଗଦେଲେ ଯାତ୍ରାରେ। ଆଉ ମନେ ମନେ ଖୋଜୁଥିଲେ ଏମିତି ଜଣେ ଜୀବନ ସାଥୀ ଯିଏ ବାପାଙ୍କ ପରି ତାଙ୍କର ଯତ୍ନ ନେଇପାରିବ ଆଉ ମା' ପରି ସ୍ନେହ, ଭଲ ପାଇବା ଦେଇପାରିବ। କହିବା ଅନାବଶ୍ୟକ ଟିଙ୍କିଲିଙ୍କ ସେଇ ସ୍ୱପ୍ନର ପୁରୁଷ ଥିଲେ ସାଗର। ଉଭୟ ସାଗର ଏବଂ ଟିଙ୍କିଲିଙ୍କ କହିବା ଅନୁଯାୟୀ, ଡ୍ୟାନ୍ସ ସେମାନଙ୍କର ଥିଲା ପ୍ରଥମ ପ୍ରେମ। ଆଉ ସେଇ ଡ୍ୟାନ୍ସ ହିଁ ସେମାନଙ୍କୁ ସଜେଇଦେଲା ପ୍ରେମିକ ପ୍ରେମିକା।

ସାଗରଙ୍କର ଆଉ ଏକ ବଡ଼ ପରିଚୟ ଥିଲା। ତାହା ହେଉଛି ତାଙ୍କର ମଉସା ହେଉଛନ୍ତି ଓଡ଼ିଶାର ଖ୍ୟାତନାମା ନାଟ୍ୟକାର ତଥା ପରିଚାଳକ ବଙ୍କିମ ସ୍ୱାଇଁ। ବଙ୍କିମ ବାବୁଙ୍କର ମଧ୍ୟ କୌଣସି ଆପତ୍ତି ନ ଥିଲା ଟିଙ୍କିଲିଙ୍କୁ ବୋହୂ କରିବା ପାଇଁ। ବାସ୍, ସାଗର ଟିଙ୍କିଲି ପ୍ରେମିକ ପ୍ରେମିକାରୁ ପାଲଟିଗଲେ ସ୍ୱାମୀ ସ୍ତ୍ରୀ। ଟିଙ୍କିଲିଙ୍କ ପାଇଁ ସାଗର ହେଉଛନ୍ତି ସବୁକିଛି। କ୍ଷେତ୍ରରେ ଥିଲେ ବି ସେ ସାଗରଙ୍କ କଥା ଭାବୁଥାନ୍ତି। ସାଗର କୋଉଠି ଅଛନ୍ତି, ଖାଇଛନ୍ତି କି ନାହିଁ ଏସବୁ କଥା ତାଙ୍କ ମନ ଭିତରେ ଖେଳୁଥାଏ। ଏ ସମ୍ପର୍କରେ ଟିଙ୍କିଲି ବେଶ୍ ଭାବପ୍ରବଣ ହୋଇ କହନ୍ତି: ବାପାମା'ଙ୍କୁ ହରେଇବା ପରେ ମୋର ଆଉ କିଏ ଅଛି? ଏକୁଟିଆ ସେଇ ସାଗର! ମୋର ସାହାଭରସା ସବୁକିଛି ସାଗର। ସେ ମୋ ଆଗରେ। ପୁଣି ସେ ବି ମୋ ପଛରେ। ଏ ଦୁନିଆରେ ଯଦି କେହିଜଣେ ମୋର ପ୍ରିୟ ଥାଏ ତା'ହେଲେ ସେ ହେଉଛନ୍ତି ସାଗର।

ଦିନେ ଡ୍ୟାନ୍ସର ଭାବରେ କ୍ୟାରିୟର ଆରମ୍ଭ କରିଥିବା ଟିଙ୍କିଲି ଏବେ ଜଣେ ଆଗଧାଡ଼ିର ଅଭିନେତ୍ରୀ। ଉଭୟ ପଜିଟିଭ୍ ଓ ନେଗେଟିଭ୍ କରିବାରେ ସେ ଧୁରନ୍ଧର। ସେଇଭଳି ସାଗର ମଧ୍ୟ ଏବେ ଓଡ଼ିଶା ଯାତ୍ରା ଜଗତର ଜଣେ ନମ୍ବର ଓ୍ୱାନ୍ କୋରିଓଗ୍ରାଫର। କେବଳ ଡ୍ୟାନ୍ସ କିମ୍ବା କୋରିଓଗ୍ରାଫିରେ ସାଗର ସୀମିତ ନାହାନ୍ତି; ସେ ମଧ୍ୟ ଅଭିନୟରେ ପାଦ ଥାପିଛନ୍ତି। ଚଳିତ ବର୍ଷ 'ସ୍ୱପ୍ନମହଲ' ପ୍ରଯୋଜିତ ନାଟକ 'ସିଆଇଡି ଦୟା'ରେ ଟିଙ୍କିଲି ଖଳନାୟିକା ଭୂମିକାରେ ଅଭିନୟ କରୁଥିବା ବେଳେ ସାଗରଙ୍କୁ ମଧ୍ୟ ଏକ ଦମଦାର ଭୂମିକା ମିଳିଛି। କ୍ୟୁଟ୍ ଝିଅ ଐଶ୍ୱର୍ଯ୍ୟାଙ୍କୁ ନେଇ ସୁଖର ସଂସାର ବିତାଉଥିବା ଏହି ଜଲିଉଡ୍ କପୁଲଙ୍କ ପାଇଁ ମଉସା ବଙ୍କିମ୍ ସ୍ୱାଇଁ ହେଉଛନ୍ତି ପ୍ରେରଣା ତଥା ପଥ ପ୍ରଦର୍ଶକ।

# ଭଙ୍ଗା ସିଲଟରୁ ସୂର୍ଯ୍ୟମନ୍ଦିର

ଭଙ୍ଗା ସିଲଟ ଧରି ସେ ସ୍ୱପ୍ନ ଦେଖିଥିଲେ। ସ୍ୱପ୍ନ ଥିଲା କଳାଜଗତର ଆବୁଡ଼ାଖାବୁଡ଼ା ରାସ୍ତାରେ ଚାଲିବେ। ସତକୁସତ ସେ ଚାଲିଛନ୍ତି। ଆଉ ଚାଲିଚାଲି ଆସି ପହଞ୍ଚିଛନ୍ତି 'ସୂର୍ଯ୍ୟମନ୍ଦିର'ରେ। ତାଙ୍କୁ ଦେଖିଲେ ଲାଗୁଛି ସତେ ଯେମିତି ତାଙ୍କର ଚାଲିବା ତଥାପି ସରିନି। ତାଙ୍କ ପାଇଁ ଆହୁରି ଅନେକ ପଥ ବାକି ପଡ଼ିଛି। ସେ ଯେମିତି ପ୍ରତ୍ୟେକ ମୁହୂର୍ତ୍ତରେ ରବର୍ଟ ଫ୍ରଷ୍ଟଙ୍କର ସେଇ କାଳଜୟୀ ପଙ୍କ୍ତିକୁ ଦୋହରାଉଛନ୍ତି: And miles to go before I sleep. ସେ ହେଉଛନ୍ତି ନାଟ୍ୟକାର ବଙ୍କିମ ସ୍ୱାଇଁ। ସେ ତ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ ଜଣେ ଅଭିନେତା ଭାବରେ। ମାତ୍ର ଲୋକମାନେ ତାଙ୍କୁ ଚିହ୍ନିଲେ ଜଣେ ନାଟ୍ୟକାର ଭାବରେ ଯେତେବେଳେ ସେ ଲେଖିଲେ ନାଟକ 'ସାହାଣୀ ମାଷ୍ଟ୍ରଙ୍କ ଭଙ୍ଗାସିଲଟ'। ନବେ ଦଶକର ପ୍ରଥମ ଭାଗରେ ଲେଖାଯାଇଥିବା ଏହି ନାଟକରେ ଥିଲା ଦିନକୁଦିନ ରୋଗଗ୍ରସ୍ତ ହୋଇ ପଡୁଥିବା ଗୋଟେ ସମାଜର କଥା। ଯୌତୁକ ପାଇଁ ବୋହୂମାନଙ୍କୁ ମାରିଦିଆ ଯାଉଥିଲା। ମଦ ପିଇ ଯୁବକମାନେ ବିପଥଗାମୀ ହେଉଥିଲେ। ବେକାରି ସମସ୍ୟା ଶିକ୍ଷିତ ଯୁବକମାନଙ୍କୁ ଅପରାଧୀ ସଜାଉଥିଲା। ଏହି ସବୁକୁ କଞ୍ଚାମାଲ ନେଇ ବଙ୍କିମ ସ୍ୱାଇଁ ଲେଖିଥିଲେ 'ସାହାଣୀମାଷ୍ଟ୍ରଙ୍କ ଭଙ୍ଗାସିଲଟ'। ସିଲଟକୁ ସେ ନେଇଥିଲେ ସମାଜର ମେଟାଫର ବା ପ୍ରତୀକ ଭାବରେ। କେମିତି ସେହି ସିଲଟ ରୂପୀ ସମାଜର ସ୍ୱପ୍ନ, ସମ୍ଭାବନା, ଭବିଷ୍ୟତ ସବୁ ଭାଙ୍ଗି ଯାଉଛି ତାହାର ଏକ ଜୀବନ୍ତ ଚିତ୍ର ରହିଥିଲା ସେହି ନାଟକରେ, ଯେଉଁଥିପାଇଁ ନାଟକଟିକୁ ଲୋକମାନେ ଖୁବ୍ ଆନ୍ତରିକତାର ସହିତ ଗ୍ରହଣ କରିଥିଲେ। କେମିତି ଏଭଳି ଏକ ନାଟକର ପରିକଳ୍ପନା କଲେ ବୋଲି ପ୍ରଶ୍ନରେ ନାଟ୍ୟକାର କହନ୍ତି : 'ମୁଁ ଯାହା ନିଜେ ଭୋଗିଥିଲି ତାହାକୁ ହିଁ ନାଟକରେ ରୂପ ଦେଇଥିଲି। ପାଠପଢ଼ା ଶେଷ କରିବା ପରେ ରିସ୍‌ବତ୍ ଅଭାବରୁ ମୋତେ ଚାକିରି ମିଳିଲାନି। ଦାରିଦ୍ର୍ୟ ମୋ ପରିବାର ପଛରେ ଛାଇ ପରି ଲାଗି ରହିଥିଲା। ଯେଉଁଠି ବି ଘରୋଇ କାର୍ଯ୍ୟାଳୟରେ ଚାକିରି କଲି ସେଠାରେ ମୋର ସ୍ୱାଭିମାନକୁ ବାରମ୍ବାର ହତ୍ୟା କରାଗଲା। ପାଠ ପଢୁଆ ପୁଅ ହୋଇ ମାସଶେଷରେ ଘରକୁ ଦି' ପଇସା ଦେଇ ନ ପାରିବା ଆଉ ବାପାମା'ଙ୍କ ଆଖିରେ ଫୁଟି ଉଠୁଥିବା ଦୟନୀୟତାକୁ ନିଜ ଆଖିରେ ଦେଖିବା ଯେ କେତେ ଯନ୍ତ୍ରଣାଦାୟକ ତାହା ଯିଏ ଭୋଗିଛି ସିଏ ଜାଣିଛି। କଲେଜରେ ଡ୍ରାମାଟିକ୍ ସେକ୍ରେଟାରି ଥିଲି। କଲେଜରୁ ଗାଁ ଯାତ୍ରା ଯାଏ ପ୍ରାୟ ଦୁଇଶହରୁ ଅଧିକ ନାଟକରେ ଅଭିନୟ କରି ସାରିଥିଲି। ତେଣୁ ଭାବିଲି, ଯାତ୍ରାରେ ଅଭିନୟ କରି ଘରକୁ ଦି' ପଇସା ଦେବି। ମାତ୍ର ସେତେବେଳର ଯାତ୍ରା ବର୍ତ୍ତମାନର ଯାତ୍ରା ପରି ନ ଥିଲା। ମାସକରେ ବା ଦୁଇମାସରେ ଥରେ ଘରକୁ ଫେରିବା ବେଳେ ମିଠା କେଜିଏ କିମ୍ବା ବିସ୍କୁଟ ପ୍ୟାକେଟ ଘରକୁ ନେବା ପାଇଁ ମଧ୍ୟ ମୋ ପାଖରେ ପଇସା ବଳେନି। ଅପରପକ୍ଷରେ ମୋ ଭିତରେ ଗୋଟେ ନାଟ୍ୟକାର ଥିଲା। ମୁଁ ନାଟକ ଲେଖିବାକୁ ମନସ୍ଥ କଲି। ମୁଁ ଜାଣିଥିଲି ମୁଁ ଗୋଟେ ଦୁଃଖର ଜୀବନ ବିତେଇଛି। ଅନେକ ସ୍ଥାନରେ ଧୋକା ଖାଇଛି। ସମାଜର ଅନ୍ଧାର ପାଖଟିକୁ ମୁଁ ଅତି ପାଖରୁ ଦେଖିଛି। ତେଣୁ ସେଇଆକୁ ରୂପ ଦେବି ମୋ କଲମରେ। ଅନ୍ତତଃ ମୋତେ ଆଶ୍ୱାସନା ମିଳିବା ସହିତ ଅନ୍ୟମାନଙ୍କୁ ତ ବଞ୍ଚିବାର ଖୋରାକ ଯୋଗେଇବ। ବାସ୍, ଅଭିନେତାରୁ ବନିଗଲି ନାଟ୍ୟକାର।' ବାସ୍ତବିକ ନାଟ୍ୟକାର ଭାବରେ ତାଙ୍କର କଲମ ଥିଲା ଖୁବ୍ ପ୍ରଖର। ତାଙ୍କ କଲମରୁ ସୃଷ୍ଟି ହୋଇଥିଲା– 'ବାଘ ବଜାରୀ ଖେଳ', 'ସାହାଣୀ ମାଷ୍ଟ୍ରଙ୍କ ଭଙ୍ଗା ସିଲଟ', 'ଧନ୍ୟ ସେ ମା' ଧନ୍ୟ ସେ ମାଟି', 'ଶୁଭ ସାହାନାଇ ବିଷ କଳସ', 'ହୁଳହୁଳି ଦିଅ ଭାଉଜ ରାଣୀ', 'ଜହ୍ନ ହଜିଗଲା ପୁନେଇ ଦିନ', 'କଣ୍ଢେଇ ଦେଇ ଭଣ୍ଡେଇ ଦେଲୁ', 'ମୋ ଛବି ବହି', 'ବୋହୂ ମୋର ଠିକ୍ କରିଛି', 'ଯେମିତି ଦିଅଁକୁ ସେମିତି ପୂଜା', 'ମାମୁ ମତେ ମାଇଲେ', 'ବେଇମାନ' ଭଳି ଅନେକ ନାଟକ। ଏସବୁ କେବଳ ନାଟକ ନ ଥିଲା; ଥିଲା ସମାଜର ଗୋଟିଏ ଗୋଟିଏ ନିଚ୍ଛକ ଚିତ୍ର। ସମ୍ପ୍ରତି 'ସୂର୍ଯ୍ୟମନ୍ଦିର'ର ମଙ୍ଗ ରହିଛି ଏହି ନାଟ୍ୟକାରଙ୍କ ହାତରେ। ଜଣେ ସଫଳ ପରିଚାଳକ ଭାବରେ ପାର୍ଟିକୁ ଦେଇଛନ୍ତି ନୂଆରୂପ। ସେତିକିନୁହେଁ, ସେ ଏବେ ସ୍ୱପ୍ନ ଦେଖୁଛନ୍ତି ଅନ୍ୟ ସଂଘର୍ଷରତ ଯୁବକମାନଙ୍କ ପାଇଁ। ସେଇଥିପାଇଁ ତ ସେ କହନ୍ତି, ମୋର ଚାଲିବା ସରିନାହିଁ। କାହିଁକି ନା ଆଗକୁ ଆହୁରି ଅନେକ ପଥ ବାକି।



ବଙ୍କିମ ସ୍ୱାଇଁ



# ସୁନ୍ଦରୀ ଝିଅ! ନା ବାବା ନା

କିଏ ଭୂତକୁ ଡରେ ତ କିଏ ଅନ୍ଧାରକୁ ଡରେ। କିଏ ଗାଡ଼ି ଦୁର୍ଘଟଣାକୁ ଡରେ ତ କିଏ ପୁଣି ସରକାରଙ୍କୁ ଡରେ। ମାତ୍ର ସୁନ୍ଦରୀ ମହିଳାଟିଏ ଦେଖିଲେ ଡରରେ ପାଣି ପିଇଯିବା କଥା ଶୁଣିଲେ ନିଶ୍ଚିତ ଭାବରେ ଯିଏ କେହି ବି ଆଶ୍ଚର୍ଯ୍ୟ ହେବ। ମାତ୍ର ତାହା ହିଁ ସତ। ଏମିତି କିଛି ଘଟେ କେତେକ ପୁରୁଷଙ୍କ ନିକଟରେ। ସୁନ୍ଦରୀ ଯୁବତୀଟିଏ ଦେଖି ଦେଲେ ଝାଳରେ ଦେହ କଣ୍ଟିଯାଏ। ଦେହ ହାତ ଥରିବାକୁ ଲାଗେ। ଡିପ୍ରେସନ୍ ସୃଷ୍ଟିହୁଏ। ଥରକୁଥର ଛେପ ଢୋକିବାକୁ ପଡ଼େ। ଏଭଳି ଘଟଣା ଘଟୁଥିବା ବ୍ୟକ୍ତିଜଣକ ପାଖରେ ଯଦି ପାଣି ଗ୍ଲାସ୍ ଥାଏ ତା'ହେଲେ ସେ ତାହାକୁ ଉଠେଇ ନେଇ ଗୋଟିଏ ଢୋକରେ ପିଇ ଦିଅନ୍ତି। ଏହା ବ୍ୟତୀତ ମନରେ ଇନ୍‌ଫେରିଅରିଟି କମ୍ପ୍ଲେକ୍ସ ସୃଷ୍ଟି ହୋଇଯାଏ। ଭାରି ଅସହାୟ ଲାଗେ। ଏମିତି କାହିଁକି ହୁଏ ବୋଲି ମନରେ ସ୍ୱତଃ ପ୍ରଶ୍ନ ଉଠିବା ସ୍ୱାଭାବିକ। ମେଡିକାଲ ସାଇନ୍ସ ଭାଷାରେ ଏହା ହେଉଛି ଏକ ଫୋବିଆ। ଏହାକୁ ଭେନୁଷ୍ଟ୍ରାଫୋବିଆ ବୋଲି କୁହାଯାଏ। କେତେକଙ୍କ କ୍ଷେତ୍ରରେ ଯୌବନାବସ୍ଥାରେ ଏଭଳି ଲକ୍ଷଣ ଦେଖିବାକୁ ମିଳିଥାଏ।



# ଲକ୍ଜୁ୍ୟରିୟସ୍ ଭାସମାନ ମାନସନ୍

ଧନୀ ବ୍ୟକ୍ତିମାନେ ବିଳାସମୟ ୟଟ୍‌ରେ ଛୁଟି କାଟିବାକୁ ବହୁତ ଭଲ ପାଆନ୍ତି। ତେବେ ୟଟ୍‌ଟି ଯଦି ବିଳାସମୟ ଘର ଭଳି ହୋଇଥିବ ମଜା ଆହୁରି ବଢିଯିବ। ସେମିତି ଏକ ୟଟ୍ ହେଉଛି ଅର୍କୁପ୍। ୪,୩୦୦ ବର୍ଗ ଫୁଟ୍‌ର ଏହି ୟଟ୍‌ଟି ମଡର୍ନ ଭିଲ୍ଲା ପରି ଡିଜାଇନ୍ ହୋଇଛି। ବାହାରୁ ଦେଖିବାକୁ ଏହା ଏକ ଆଧୁନିକ ଘର ପରି। ଏହା ଏକ ହାଉସ୍ ୟଟ୍। ତେଣୁ ଏହା ଯେବେ ପାଣିରେ ଭାସେ ଲୋକେ ଦେଖି ତାଜୁବ ହୋଇଯାଆନ୍ତି। ଏହାମଧ୍ୟରେ ଚାରୋଟି ବେଡ୍‌ରୁମ୍, ଏକ ଲିଭିଂ ରୁମ୍, କିଚେନ୍, ବାଥରୁମ୍, ସୁଇମିଂ ପ୍ଲାଟଫର୍ମ, ସୋଲାର ପ୍ୟାନେଲ୍‌ରେ କଭର୍ ହୋଇଥିବା ଛାତ ଅଛି। ସୋଲାର ପ୍ୟାନେଲ ପାଇଁ ପ୍ରଚୁର ବିଦ୍ୟୁତ ଉପଲବ୍ଧ ହୋଇଥାଏ। ଏଥିରେ ବର୍ଷାଜଳ ପ୍ୟୁରିଫିକେସନ୍ ସିଷ୍ଟମ୍ ବି ରହିଛି। ତେଣୁ ସ୍ୱଚ୍ଛ ମଧୁରଜଳ ପିଇବାକୁ ମିଳିଥାଏ। ଉକ୍ତ ୟଟ୍ ହାଉସ୍ ନ ଭାସି ଜଳରେ ସ୍ଥିର ହୋଇ ରହିବାକୁ ଚାହୁଁଥିଲେ ଏହାର ଚାରୋଟି ହାଇଡ୍ରୋଲିକ ପାଇଲିଂ ପଦ୍ଧତି ବ୍ୟବହାର କରି ତାକୁ ଜଳସ୍ତରରୁ ଉପରକୁ ଉଠାଇପାରିବେ। ଏମିତି କି ଏହାକୁ ଜଳସ୍ତରରୁ ୩୦ ଫୁଟ୍ ଉଚ୍ଚ ପର୍ଯ୍ୟନ୍ତ ଟେକି ହେବ। ଏହା ଅଧିକ ଦୂର ଯାଇପାରେନା। ଉକ୍ତ ହାଉସ୍ ୟଟ୍‌ର ମୂଲ୍ୟ ହେଉଛି ୫.୫ ମିଲିୟନ୍ ଡଲାର।

# ଭ୍ରୂଲତା ଥିବା କୁକୁର



ରୁଷିଆର ବ୍ରତ୍‌ସ୍କର ଗଳିରେ ଏକ ୧୦ ଦିନିଆ କୁକୁର ଛୁଆ ବୁଲୁଥାଏ। ଧଳାରଙ୍ଗର ଏହି କୁକୁର ଛୁଆଟିର ଥିଲା ଭ୍ରୂଲତା। ଓକ୍ସାନା ନାମ୍ନୀ ଜଣେ ମହିଳା କୁକୁର ଉଦ୍ଧାରକାରୀ ନିଜ ସହ ଏକ କୁକୁର ଆବାସସ୍ଥଳକୁ ନେଇଗଲେ। ସେଠି ତାକୁ ଗାଧୋଇବା ସମୟରେ ତା'ର ଆଖି ଉପରେ ଥିବା ଭ୍ରୂଲତାକୁ ଧୋଇ ପୋଛିବାକୁ ଚେଷ୍ଟା କରିଥିଲେ। ସେ ଭାବିଥିଲେ ବୋଧହୁଏ କେହି ମଜାରେ ତା'ର ଭ୍ରୂଲତା କରିଛନ୍ତି। ହେଲେ ଯେତେ ଧୋଇଲେ ବି ତାହା ଲିଭି ନ ଥିଲା। ବରଂ ଅଧିକ ସ୍ପଷ୍ଟଭାବେ ଦେଖାଗଲା। ପରେ ଜଣାପଡିଲା ସେହି ଭ୍ରୂଲତା ହେଉଛି କୁକୁରଟିର ସତସତିକା ଭ୍ରୂଲତା। ତାହା ହେଉଛି ବ୍ରତ୍‌ସ୍କର ବର୍ଥମାର୍କ। ଏହା ତାକୁ ତାର ମା'ବାପାଙ୍କଠାରୁ ବଂଶଗତଭାବେ ମିଳିଛି।







# ଚଢେଇଙ୍କ ପାଇଁ ବହୁତଳ ପ୍ରାସାଦ

ମଣିଷ ନିଜ ପାଇଁ ନିର୍ମାଣ କରିଛି ଅନେକ ବହୁତଳ ପ୍ରାସାଦ। କାଟୁଛି ବିଳାସମୟ ଜୀବନ। କିଛି ପ୍ରାଣୀ ବି ନିଜ ପାଇଁ ଛୋଟିଆ ଆବାସଟିଏ ତିଆରି କରିଥାଏ। ତେବେ ଚଢେଇଙ୍କ ପାଇଁ ଏବେ ମଣିଷ ତିଆରି କରିଛି ଏକ ବହୁତଳ ପ୍ରାସାଦ। ଆଉ ତା'ର ନାମ ଦେଇଛି ବାର୍ଡ ଫ୍ଲାଟ୍। ଗାଜିଆବାଦରେ ତିଆରି ହୋଇଛି ଏହି ପ୍ରଥମ ମଲ୍ଟି ଷ୍ଟୋରି ଫ୍ଲାଟ୍। ଗାଜିଆବାଦ ବିକାଶ ପ୍ରାଧିକରଣ ପ୍ରଥମକରି ଏହି ପଦକ୍ଷେପ ନେଇଛି। ଏହି ବାର୍ଡ ଫ୍ଲାଟ୍‌ରେ ୬୦ଟି ପକ୍ଷୀ ରହିବା ପାଇଁ ବ୍ୟବସ୍ଥା କରାଯାଇଛି। ଚଢେଇଙ୍କୁ ପ୍ରାକୃତିକ ଅନୁଭୂତି ଦେବାପାଇଁ ଏହାକୁ ଏକ ଲମ୍ବା ଖମ୍ବରେ ଝୁଲାଇ ରଖାଯାଇଛି। ଆଉ ଏହି ଫ୍ଲାଟ୍ ଉପରେ ଖରା ଓ ବର୍ଷାରୁ ରକ୍ଷା କରିବା ଲାଗି ଛତା ବି ଲଗାଇଛି। ଏହାକୁ ତିଆରି କରିବାର ଲକ୍ଷ୍ୟ ଥିଲା ପ୍ରକୃତି ସହିତ ଆପାର୍ଟମେଣ୍ଟରେ ରହୁଥିବା ଲୋକଙ୍କୁ ନିକଟତର କରାଇବା। ଉକ୍ତ ବାର୍ଡ ଫ୍ଲାଟ ତିଆରି କରିବା ପାଇଁ ପ୍ରାୟ ୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏହାମଧ୍ୟରେ ପାଣି ଓ ଫୁଲ୍‌ର ବ୍ୟବସ୍ଥା କରାଯାଇଛି। ନିୟମିତ ପାଣି ବଦଳାଇବା ସୁବିଧା ବି ରହିଛି। ଫ୍ଲାଟ୍‌ଟି କାଠ ଓ ଲୁହା ଫ୍ରେମ୍‌ରେ ତିଆରି।



